**ଖୋର୍ଦ୍ଧା: ୫୩ ପଜିଟିଭ୍ ଚିହ୍ନଟ**

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସୋମବାର ଜିଲା(ବିଏମ୍‌ସିକୁ ବାଦ୍ ଦେଇ)ରେ ୫୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରୁ ୧୨, ହଳଦିଆର ୧୭, ବାଣପୁରର ୫, ବାଲୁଗାଁର ୪, ବେଗୁନିଆରୁ ୧, ଜଟଣୀର ୫, ମେଣ୍ଢାଶାଳର ୬, ବାଳକାଟୀର ୧ ଏବଂ ବାଲିପାଟଣାରୁ ୨ଜଣ ରହିଛନ୍ତି। ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୨ରେ ପହଞ୍ଚିଛି।

## ସଂକ୍ଷେପରେ

### ଆଜିଠୁ ପୁଣି ଗଡ଼ିବ 'ମୋ ବସ୍'

**ଭୁବନେଶ୍ୱର, ୩।୮ (ବ୍ୟୁରୋ):** କଟକ-ଭୁବନେଶ୍ୱର-ଖୋର୍ଦ୍ଧାରେ ପୁଣି ଗଡ଼ିବ 'ମୋ ବସ୍'। ୨୧ଟି ରୁଟ୍ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮ଟି ରୁଟ୍‌ରେ ମଙ୍ଗଳବାରଠାରୁ ଏହି ସେବା ମିଳିବ। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ମୋ ବସ୍ ପରିଚାଳନା ଦାୟିତ୍ୱରେ ଥିବା କ୍ୟାପିଟାଲ ରିଜିଅନ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ କୁହାଯାଇଛି। ସକାଳ ୭ଟାରୁ ରାତି ୭ଟା ମଧ୍ୟରେ କେବଳ ନନ୍-ଏସି ବସ୍ ଚଳାଚଳ କରିବ। ଚଳିତ ମାସ ପାଇଁ ପ୍ରତି ଶନିବାର ଓ ରବିବାର ସେବା ବନ୍ଦ ରହିବ। ତେବେ ରୁଟ୍ ନଂ.୧୧ ମୋ ବସ୍‌ଟି ନନ୍ଦନ ବିହାରରୁ ବାଳକାଟୀ, ରୁଟ୍ ନଂ.୧୬ ଭୁବନେଶ୍ୱର ରେଳ ଷ୍ଟେଶନ୍-ବିଜୁ ପଟ୍ଟନାୟକ ପାର୍କ-କଟକ (ଭାୟା-ଏନ୍‌ଏଚ୍), ରୁଟ୍ ନଂ.୧୮ ବରମୁଣ୍ଡା ଆଇଏସ୍‌ବିଟିରୁ ଜଗତପୁର (ଭାୟା- ନନ୍ଦନ କାନନ), ରୁଟ୍ ନଂ.୨୦ ଭୁବନେଶ୍ୱର ରେଳ ଷ୍ଟେଶନରୁ ଖୋର୍ଦ୍ଧା (ଭାୟା-ବାଣୀବିହାର), ରୁଟ୍ ନଂ.୨୩ ଭୁବନେଶ୍ୱର ରେଳ ଷ୍ଟେଶନରୁ ସମ୍ ହସ୍ପିଟାଲ, ରୁଟ୍ ନଂ.୨୫ ମଞ୍ଚେଶ୍ୱରରୁ ଡୁମ୍‌ଡୁମା (ଭାୟା-ରଣସିଂହପୁର), ରୁଟ୍ ନଂ.୨୭ ଭୁବନେଶ୍ୱର ରେଳ ଷ୍ଟେଶନରୁ ଏମ୍ସ ହସ୍ପିଟାଲ ଓ ରୁଟ୍ ନଂ. ୩୩ରେ ମୋ ବସ୍‌ଟି ଭୁବନେଶ୍ୱର ରେଳ ଷ୍ଟେଶନରୁ ପିପିଲିକୁ ଚଳାଚଳ କରିବ। ସୂଚନାଯୋଗ୍ୟ, ମହାମାରୀ କରୋନା ପାଇଁ ମୋ ବସ୍ ସେବା ଅଟକିଥିଲା। ତେବେ ଅନ୍‌ଲକ୍-୩ରେ ସରକାରଙ୍କ ସବୁଜ ସଙ୍କେତ ମିଳିବାପରେ ବସ୍ ସେବା ଆରମ୍ଭ ନେଇ କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ମାତ୍ର ଏଥିରେ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି କୁହାଯାଇଛି।

### ପୁରୀ: ୧୭ ଆକ୍ରାନ୍ତ ଚିହ୍ନଟ, ୩୧ ସୁସ୍ଥ

**ପୁରୀ ଅଫିସ,୩।୮:** ପୁରୀ ଜିଲାରୁ ସୋମବାର ୧୭ କରୋନା ଆକ୍ରାନ୍ତ ଚିହ୍ନଟ ଏବଂ ୩୧ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୮୮୫ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୪୪୬ ଜଣ ସୁସ୍ଥ ହୋଇଥିବାବେଳେ ୪୩୪ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କରୋନାରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣଙ୍କ ମୃତ୍ୟୁ ଅନ୍ୟ ରୋଗ ଯୋଗୁ ହୋଇଛି। ସୋମବାର ଚିହ୍ନଟ ନୂଆ ସଂକ୍ରମିତଙ୍କ ମଧ୍ୟରେ ପୁରୀ ମ୍ୟୁନିସିପାଲିଟି ଅଞ୍ଚଳରୁ ୧୦, ପୁରୀ ସଦର ଓ ବ୍ରହ୍ମଗିରି ବ୍ଲକରୁ ୨ଜଣ ଲେଖାଏ, ସତ୍ୟବାଦୀ, ଗୋପ ଓ କଣାସ ବ୍ଲକରୁ ଜଣେ ଲେଖାଏ ରହିଛନ୍ତି। ପୁରୀ ମ୍ୟୁନିସିପାଲିଟି ଅଞ୍ଚଳରୁ ଚିହ୍ନଟ ୧୦ ଜଣଙ୍କ ମଧ୍ୟରେ ୩୧ ନମ୍ବର ୱାର୍ଡରୁ ୬, ୨୬ ନଂ.ରୁ ୨, ୧୫ ଓ ୨୨ ନଂ. ୱାର୍ଡରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏ ପର୍ଯ୍ୟନ୍ତ ଜିଲାରୁ ୨୬,୭୦୪ ଜଣଙ୍କ କରୋନା ଟେଷ୍ଟ ହୋଇଥିବାବେଳେ ଆରୋଗ୍ୟ ହାର ରହିଛି ୪୬.୮୯ ପ୍ରତିଶତ। ସେହିପରି ଜିଲାରେ ୭୨ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ଥିବାବେଳେ ୫୨ଟି ବନ୍ଦ କରି ଦିଆଯାଇଛି। ସୋମବାର ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ଘଟକୁଦି ମୌଜା ଏବଂ ଗୋପ ଗାଁରେ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

### ଆଶାକର୍ମୀଙ୍କ ପରିବାର କରୋନାରେ ଆକ୍ରାନ୍ତ

**ବାରଙ୍ଗ,୩।୮(ଡି.ଏନ୍.ଏ.):** ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତର ଢାଓ୍ୱା ଗ୍ରାମର ୨ନଂ ଓାର୍ଡର ଜଣେ ଆଶାକର୍ମୀଙ୍କ ପରିବାରକୁ କରୋନା ସଂକ୍ରମିତ ହୋଇଛନ୍ତି। ସୋମବାର ସେମାନଙ୍କୁ ମେଣ୍ଢାଶାଳ ସ୍ୱାସ୍ଥ୍ୟ ବିଭାଗ ତରଫରୁ କୋଭିଡ୍ ହସ୍ପିଟାଲ ପଠାଯାଇଥିବା ସରପଞ୍ଚ ପ୍ରଭାସିନୀ ସାସମଲ ସୂଚନା ଦେଇଛନ୍ତି। ଏହି ପରିବାର ଜଣେ ଯୁବକ ପଟିଆ ଅଞ୍ଚଳର ଏକ ଗ୍ୟାରେଜରେ କାମ କରୁଥିବାବେଳେ ତାକୁ ଥଣ୍ଡା କାଶ ଲାଗିରହିଥିଲା। ଏହାପରେ ଆଶାକର୍ମୀ ଭାବେ କାର୍ଯ୍ୟ କରୁଥିବା ତାଙ୍କ ମାଆଙ୍କୁ ମଧ୍ୟ ଥଣ୍ଡାକାଶ ଆରମ୍ଭ ହୋଇଥିଲା। ରବିବାର ପରିବାରର ୪ଜଣ ସଦସ୍ୟ ନିକଟସ୍ଥ ଟାଙ୍ଗିବନ୍ତ ଡାକ୍ତରଖାନାକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା ସହ ସ୍ୱାବ ଟେଷ୍ଟ କରାଇଥିଲେ। ସୋମବାର ପରିବାରର ସମସ୍ତ ସଦସ୍ୟଙ୍କ ପଜିଟିଭ ବାହାରିଥିଲା। ଏହାପରେ ସରପଞ୍ଚ ଉକ୍ତ ଅଞ୍ଚଳବାସୀଙ୍କୁ ଭୟଭୀତ ନ ହୋଇ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପଞ୍ଚାୟତରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୮ରେ ପହଞ୍ଚିଛି। ସେହିଭଳି କଳାରାହଙ୍ଗ ପଞ୍ଚାୟତର ଇଞ୍ଜଣା ଗ୍ରାମର ୫ନଂ. ଓାର୍ଡରେ ଜଣେ ୭୬ ବର୍ଷୀୟା ମହିଳାକ କରୋନାରେ ଆକ୍ରାନ୍ତ ହୋଇଥିବା ସରପଞ୍ଚ ପଙ୍କଜିନୀ ଦଳପତି କହିଛନ୍ତି। ବୃଦ୍ଧା ଜଣଙ୍କ କଳାରାହଙ୍ଗ ଗ୍ରାମରେ ଥିବା ତାଙ୍କର ଜଣେ ସମ୍ପର୍କୀୟ ଘରକୁ ଯାଇ ଫେରିବାପରେ ଥଣ୍ଡାକାଶ ହୋଇଥିଲା। ସେ କିମ୍ସ କୋଭିଡ୍ ହସ୍ପିଟାଲକୁ ଯାଇ ସ୍ୱାବ୍ ଟେଷ୍ଟ କରାଇଥିବାବେଳେ ରବିବାର ରାତିରେ ତାଙ୍କର ପଜିଟିଭ ଜଣାପଡିଥିଲା। ଏହାକୁ ମିଶାଇ ଏହି ପଞ୍ଚାୟତରେ ଆକ୍ରାନ୍ତଙ୍କ ସଂଖ୍ୟା ୫ରେ ପହଞ୍ଚିଛି।

# ୧.୪% ଲୋକଙ୍କ ଶରୀରରେ ଆଣ୍ଟିବଡି ସୃଷ୍ଟି

ଭୁବନେଶ୍ୱର, ୩।୮(ବ୍ୟୁରୋ)

- ଅଗଷ୍ଟରେ ଦ୍ୱିତୀୟ ପର୍ଯ୍ୟାୟ ସେରୋ ସର୍ଭେ
- ବ୍ରହ୍ମପୁରରେ ୨୫୦୦ ନମୁନା ସଂଗ୍ରହ ଲକ୍ଷ୍ୟ
- ଭୁବନେଶ୍ୱରରେ ୨୫ଶହ ନମୁନାରୁ ମାତ୍ର ୩୨ ପଜିଟିଭ୍ ଆସିଛି

ଭୁବନେଶ୍ୱରରେ ସେରୋଲୋଜିକାଲ୍ ସର୍ଭେ ସରିଛି। ଏଠାରେ ୧.୪% ଲୋକଙ୍କ ଦେହରେ ରୋଗ ପ୍ରତିରୋଧକ ଶକ୍ତି ବା ଆଣ୍ଟିବଡି ସୃଷ୍ଟି ହୋଇଛି। ଏନେଇ ସୋମବାର ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା.ସଂଘମିତ୍ରା ପତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସଂକ୍ରମଣ ହାର, ସ୍ଥିତି ଓ ଆଣ୍ଟିବଡି ଅଗ୍ରଗତି ଜାଣିବାକୁ ସର୍ଭେ ହେଉଛି। ଭୁବନେଶ୍ୱରରେ କମ୍ୟୁନିଟି ଓ ହାଇରିସ୍କ ସେରୋ ସର୍ଭେ ସରିଛି। ଶହେ ବ୍ୟକ୍ତିଙ୍କ ମଧ୍ୟରେ ୧.୪ ଜଣଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଛି। ସେହିପରି ହାଇରିସ୍କ ଗ୍ରୁପରେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଖାପାଖି ସମାନ ରହିଛି। ରାଜଧାନୀରେ ଜୁନ୍ ମାସର ସଂକ୍ରମଣ ଜାଣିବାକୁ ଜୁଲାଇରେ ସର୍ଭେ ହୋଇଥିଲା। ଅଗଷ୍ଟ ମଧ୍ୟ ଭାଗରେ ୨ୟ ପର୍ଯ୍ୟାୟ ସେରୋ ସର୍ଭେ ହେବ। ଏହା ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଜୁଲାଇ ମାସର ସଂକ୍ରମଣ ସମ୍ପର୍କରେ ଜଣାପଡ଼ିବ। ସେପଟେ ପୁରୀ ଓ ଭୁବନେଶ୍ୱର ପରେ ସୋମବାର ବ୍ରହ୍ମପୁର ସହରରେ ସେରୋ ସର୍ଭେ ଆରମ୍ଭ ହୋଇଛି। ଉଭୟ ହାଇରିସ୍କ ଓ କମ୍ୟୁନିଟି ଗ୍ରୁପ୍‌କୁ ଟାର୍ଗେଟ୍ କରାଯାଇଛି। ଏଠାରେ ୨,୫୦୦ ଟାର୍ଗେଟ ଥିବାବେଳେ ୧,୫୦୦ କମ୍ୟୁନିଟି ଓ ୧୦୦୦ ହାଇରିସ୍କ ଗ୍ରୁପରୁ ନମୁନା ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି। କମ୍ୟୁନିଟି ଗ୍ରୁପ୍‌ର ନମୁନା ୨୫ଟି ୱାର୍ଡରୁ ସାଧାରଣ ଲୋକଙ୍କଠାରୁ ସଂଗ୍ରହ କରାଯିବ। ହାଇରିସ୍କ ଗ୍ରୁପ୍‌ରେ ଡାକ୍ତର, ନର୍ସ, ପୋଲିସ କର୍ମଚାରୀ ଏବଂ ଯେଉଁମାନେ କରୋନା ରୋଗୀଙ୍କ ସଂସ୍ପର୍ଶରେ ଆସିବାର ଅଧିକ ସମ୍ଭାବନା ରହିଛି ସେମାନଙ୍କଠାରୁ ନମୁନା ସଂଗ୍ରହ କରାଯିବ ବୋଲି ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ପତି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ଭୁବନେଶ୍ୱରରେ ସଂକ୍ରମଣର ମାତ୍ରା କମ୍ ରହିଛି। ବିଗତ ଦିନରେ ହୋଇଥିବା ସେରୋ ସର୍ଭେରୁ ଏହା ଜଣାପଡ଼ିଛି। ଦୁଇଟି ପର୍ଯ୍ୟାୟରେ ହୋଇଥିବା ଏହି ସର୍ଭେରେ ୨୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଟେଷ୍ଟ କରାଯାଇଥିବାବେଳେ ମାତ୍ର ୩୨ ଜଣଙ୍କର ନମୁନା ପଜିଟିଭ୍ ଚିହ୍ନଟ ହୋଇଛି। ପ୍ରଥମ ପର୍ଯ୍ୟାୟରେ ହୋଇଥିବା ୯୫୧ଜଣଙ୍କ ନମୁନାରୁ ୧୫ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୬୨୪ ଜଣଙ୍କ ମଧ୍ୟରୁ ମାତ୍ର ୧୭ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ଚୌଧାରୀ କହିଛନ୍ତି।

# କଟକ ସହର: ଗୋଟିଏ ଦିନରେ ସର୍ବାଧିକ ୧୪୯ ପଜିଟିଭ

କଟକ ଅଫିସ,୩।୮

କଟକ ସହରରେ କରୋନା ସଂକ୍ରମଣ ସ୍ଥିତିଗମ୍ଭୀର ହେବାରେ ଲାଗିଛି। ଗତ ୨୪ ଘଣ୍ଟାରେ ଜିଲାରେ ୧୫୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସହରରେ ୧୪୯ ଜଣ ଆକ୍ରାନ୍ତ ବାହାରିଛନ୍ତି, ଯାହା ଏଯାବତ୍ କଟକ ସହର ପାଇଁ ଗୋଟିଏ ଦିନରେ ସର୍ବାଧିକ। ସହରରେ ଚିହ୍ନଟଙ୍କ ମଧ୍ୟରୁ ମାଲଗୋଦାମ ଅଞ୍ଚଳ ଏବେ କରୋନା ହଟ୍‌ସ୍ପଟ୍ ପାଲଟିଛି। ଗତ ୪ ଦିନରେ ବେହେରା ସାହି ଅଞ୍ଚଳରୁ ୧୩୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସୋମବାର ଆଉ ୫୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଉକ୍ତ ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧୯୨ରେ ପହଞ୍ଚିଛି।

ସେହିପରି ମାଲଗୋଦାମର ଅନ୍ୟ ଏକ ଅଞ୍ଚଳ ତେଲୁଗୁ ସାହିକୁ କରୋନା ସଂକ୍ରମଣ ବ୍ୟାପିଛି। ଉକ୍ତ ଅଞ୍ଚଳରୁ ପ୍ରଥମ ଦିନରେ ୫୧ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଲୋକଙ୍କ କୋରୋନା ଟେଷ୍ଟିଂ ଓ କଣ୍ଟାକ୍ଟ ଟ୍ରେସିଂ ପାଇଁ ଜିଲା ପ୍ରଶାସନକୁ ନାକେଦମ୍ ହେବାକୁ ପଡୁଛି। ଲୋକେ ଏଥିରେ ସହଯୋଗ କରୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ପୁରୁଣା ରାଉସପାଟଣାରୁ ସଂକ୍ରମିତଙ୍କ ସଂଖ୍ୟା କମିବାର ନାଁ ନେଉନାହିଁ। ଆଉ ୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ଅଞ୍ଚଳରେ ମୋଟ ୧୩୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ଥୋରିଆ ସାହିରୁ ୧୦, ଖର୍‌ବିନ୍ ସାହିରୁ ୪ ଜଣ ପଜିଟିଭ ବାହାରିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣ ପୂର୍ବ ସଂକ୍ରମିତଙ୍କ ବାପା ଓ ମା' ବୋଲି ଜଣାପଡ଼ିଛି। ଅନ୍ୟ ସ୍ଥାନଗୁଡ଼ିକ ମଧ୍ୟରେ ମଙ୍ଗଳାବାଗରୁ ୩, କାଜିପାଟଣା, ବାଦାମବାଡ଼ି, ରାଣୀହାଟ, ଯୋବ୍ରା, ସିଡିଏ ସେକ୍ଟର-୮ରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଗ୍ରାମାଞ୍ଚଳରେ ଆଠଗଡ଼ରୁ ୨, ବାରଙ୍ଗ ଓ ବଡ଼ମ୍ବା ଅଞ୍ଚଳରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି।




ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ମଲ୍ ସୋମବାର ଖୋଲିବା ପରେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ଭିତରକୁ ଛଡ଼ାଯାଉଛି। ଜଣେ ମହିଳା ଗ୍ରାହକଙ୍କ ଭ୍ୟାନିଟିକୁ ସାନିଟାଇଜ୍ କରାଯାଉଛି।

# ଭୁବନେଶ୍ୱର କୋର୍ଟ ନ ଆସିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୩।୮ (ବ୍ୟୁରୋ)

- ସିଏସ୍‌ଆଇ କର୍ମଚାରୀ କରୋନା ଚିହ୍ନଟ ପରେ ପଦକ୍ଷେପ
- ଘରେ ରହି କାର୍ଯ୍ୟ କରିବେ ଓକିଲ, କର୍ମଚାରୀ

ଭୁବନେଶ୍ୱର କୋର୍ଟରେ କାର୍ଯ୍ୟରତ ଜଣେ ସିଏସ୍‌ଆଇ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହା ପରେ କୋର୍ଟ ପରିସରକୁ ସାନିଟାଇଜ୍ କରାଯାଉଛି। ଏଥିସହ ସଂକ୍ରମଣ ରୋକିବା ପାଇଁ ପଦକ୍ଷେପ ନିଆଯାଇଛି। କୋର୍ଟକୁ କେହି ନ ଆସିବାକୁ ପରାମର୍ଶ ଦିଆଯାଇଛି। ଖୋର୍ଦ୍ଧା ସିଭିଲ୍ କୋର୍ଟ ରେଜିଷ୍ଟ୍ରାର୍ ଏ ନେଇ ଭୁବନେଶ୍ୱର ବାର୍ ଆସୋସିଏଶନକୁ ଚିଠି ଲେଖିଛନ୍ତି। ଓକିଲ, ଜୁଡିସିଆଲ ଅଫିସର, କୋର୍ଟ ଷ୍ଟାଫ୍, ମକଦ୍ଦମାକାରୀ ଓ ଅନ୍ୟମାନଙ୍କୁ କୋର୍ଟ ଆସିବାକୁ ମନା କରାଯାଇଛି। ସମସ୍ତ କୋର୍ଟ କାର୍ଯ୍ୟକୁ ଭିଡ଼ିଓ କନ୍‌ଫରେନ୍ସିଂ ଓ ଭର୍ଚୁଆଲ ମାଧ୍ୟମରେ ଶୁଣାଣି କରିବାକୁ ରେଜିଷ୍ଟ୍ରାର କହିଛନ୍ତି। ଯଦି କେହି ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଆସୁଛନ୍ତି ସେମାନେ କୋର୍ଟ ପରିସରରେ ଏକାଠି ଛିଡା ନ ହୋଇ ସାମାଜିକ ଦୂରତା ରଖି ନିଜ କାର୍ଯ୍ୟ ଶେଷ କରି ଯଥା ସମ୍ଭବ ଶୀଘ୍ର ଚାଲିଯିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପଟରେ ଉକ୍ତ ସିଏସ୍‌ଆଇ କର୍ମଚାରୀ ଜଣକ କୋର୍ଟରେ କାହା ସହ ମିଶିଛନ୍ତି ସେନେଇ ବିଏମ୍‌ସି ଓ ଡାକ୍ତରୀ ଟିମ୍ ଟ୍ରେସ୍ କରୁଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିଲେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି।

# ଖୋର୍ଦ୍ଧା: ଶିଳ୍ପାଞ୍ଚଳ ପାଇଁ ଜଟିଳ ହେଉଛି ସ୍ଥିତି

ଖୋର୍ଦ୍ଧା ଅଫିସ,୩।୮

**ପୌରାଞ୍ଚଳରେ ୬୦ରୁ ଊର୍ଦ୍ଧ୍ୱ ପଜିଟିଭ୍**

ଖୋର୍ଦ୍ଧା ଜିଲା(ବିଏମ୍‌ସିକୁ ବାଦ୍ ଦେଇ)ରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସୋମବାର ସୁଦ୍ଧା ଜିଲାରେ ୧୩୨୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖୋର୍ଦ୍ଧା ପୌରାଞ୍ଚଳରୁ ୬୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କ ମଧ୍ୟରେ ବିଭିନ୍ନ ଶିଳ୍ପସଂସ୍ଥାରେ କାମ କରୁଥିବା କେତେଜଣ ଶ୍ରମିକ ଥିବା କୁହାଯାଇଛି। ଫଳରେ ଦିନକୁ ଦିନ ଖୋର୍ଦ୍ଧା ସହରର ସ୍ଥିତି ବିଗିଡ଼ିବାରେ ଲାଗିଛି। ସୂଚନା ମୁତାବକ, ଖୋର୍ଦ୍ଧା ବରୁଣେଇ ଶିଳ୍ପାଞ୍ଚଳରେ ଏକାଧିକ ଶିଳ୍ପସଂସ୍ଥାରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏହି ଶ୍ରମିକମାନେ ବିଭିନ୍ନ ଅଞ୍ଚଳରୁ ଏଠାକୁ ଆସୁଛନ୍ତି। ଶ୍ରମିକମାନେ ସହରର ବିଭିନ୍ନ ସ୍ଥାନରୁ ସାମଗ୍ରୀ କିଣୁଥିବାର ଗୋଷ୍ଠୀ ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ନିକଟରେ ଗୋଟିଏ ଶିଳ୍ପ ସଂସ୍ଥାର ସିକ୍ୟୁରିଟି ଗାର୍ଡଙ୍କ ସମେତ ଏକାଧିକ ଶ୍ରମିକ ପଜିଟିଭ୍ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ ୩ଥର ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍‌ଭାବେ ଘୋଷଣା କରାଯାଇଥିଲା। ପ୍ରଶାସନର ତାଗିଦ୍ ସତ୍ତ୍ୱେ ଶିଳ୍ପସଂସ୍ଥାଗୁଡ଼ିକ କୋଭିଡ୍ ଗାଇଡ୍‌ଲାଇନ୍‌କୁ ଉଲ୍ଲଂଘନ କରୁଛନ୍ତି। ଏନେଇ ଖୋର୍ଦ୍ଧା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି, ଅତିରିକ୍ତ ଜିଲାପାଳ ଅନୁଜ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବରୁଣେଇ ଶିଳ୍ପାଞ୍ଚଳରେ ଏକାଧିକ ଶିଳ୍ପସଂସ୍ଥା ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। କୋଭିଡ୍ ଗାଇଡ୍‌ଲାଇନ ପାଳନ ଲାଗି ତାଗିଦ୍ କରିଥିଲେ। ଶିଳ୍ପସଂସ୍ଥାରେ ହୋମ୍ ଆଇସୋଲେଶନ, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତ୍ୱ ବଜାୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# କରୋନା ସଂକ୍ରମଣରୁ ମାନବଜାତିକୁ ସୁରକ୍ଷିତ ରଖିବା ପାଇଁ ଟିକା ଅପରିହାର୍ଯ୍ୟ

ଭୁବନେଶ୍ୱର, ୩।୮(ବ୍ୟୁରୋ)

ଓଡ଼ିଶା ପରିବେଶ ସମିତି ପକ୍ଷରୁ କୋଭିଡ୍-୧୯ ଉପରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ସ୍ୱଚ୍ଛ ଜଳ ପିଇବା ଯେପରି ଆବଶ୍ୟକ, କରୋନା ସଂକ୍ରମଣରୁ ମାନବଜାତିକୁ ସୁରକ୍ଷିତ କରି ରଖିବା ପାଇଁ ଟିକାର ପ୍ରୟୋଗ ସେପରି ଅପରିହାର୍ଯ୍ୟ। ଏବେ ପୃଥିବୀରେ ପ୍ରାୟ ଏକ ନିୟୁତ ଭୂତାଣୁ ରହିଥିବାବେଳେ ମାତ୍ର ୭ଟି କରୋନା ଭୂତାଣୁ ଚିହ୍ନଟ ହୋଇଛନ୍ତି। କୋଭିଡ୍-୧୯ ମାତ୍ର ୮ମାସ ହେବ ଲୋକଲୋଚନକୁ ଆସିଛି। ଭାରତକୁ ୟୁରୋପ ଓ ଦକ୍ଷିଣ ପୂର୍ବ ଏସୀୟ ଦେଶମାନଙ୍କରୁ ଏହି ଭୂତାଣୁ ପ୍ରବେଶ କରିଥିବାବେଳେ ଓଡ଼ିଶାରେ ଏହାର ୫ ପ୍ରକାର ଠାବ ହୋଇଛି। ବର୍ତ୍ତମାନ ପରସ୍ଥିତିରେ ଆମେ ପୃଥିବୀର ପ୍ରକୃତି ଓ ପରିବେଶକୁ ସଯତ୍ନେ ସୁରକ୍ଷା ପ୍ରଦାନ କରିବା ସହିତ ଆମର ସାମାଜିକ ଦାୟିତ୍ୱବୋଧ ପ୍ରତି ଯଥେଷ୍ଟ ସଚେତନ ରହିବା ଆବଶ୍ୟକ। ନିଜର ସୁରକ୍ଷା ଆମର ଅଧିକାର। କିନ୍ତୁ ସମାଜର ସୁରକ୍ଷା ଆମର କର୍ତ୍ତବ୍ୟ ବୋଲି ଡ. ପରିଡ଼ା କହିଛନ୍ତି। ସମିତିର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବହୁ ବୈଜ୍ଞାନିକ ଏବଂ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ସମିତି ଉପସଭାପତି ଡ. ଲାଲା ଏକେ ସିଂହ କାର୍ଯ୍ୟକ୍ରମର ବିବରଣୀ ରଖିଥିଲେ।



ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୋମବାର ଆଲିଶା ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱର ବାଣୀବିହାର ଛକରେ କାର୍ଯ୍ୟରତ କରୋନା ଯୋଦ୍ଧା ପୋଲିସ ଭାଇଙ୍କ ହାତରେ ରାଖୀ ବନ୍ଧା ଯାଉଛି।

# ୫୦%କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ ବ୍ୟାଙ୍କ

ଭୁବନେଶ୍ୱର,୩।୮

କରୋନା ପାଇଁ ସରକାର ବ୍ୟାଙ୍କ କ୍ଷେତ୍ରଗୁଡ଼ିକ ପାଇଁ କାର୍ଯ୍ୟକ୍ଷମତାକୁ କମାଇ ୩୦% କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଶା ସରକାର ଏହି ନିୟମରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ସୋମବାର ସରକାରଙ୍କ ପକ୍ଷରୁ ଆଉ ଏକ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଉକ୍ତ ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରାଯାଇଛି ଯେ ଚଳିତ ମାସ ଅଗଷ୍ଟ ୩୧ ପର୍ଯ୍ୟନ୍ତ ରାଜ୍ୟରେ ବ୍ୟାଙ୍କସେବା ଯୋଗାଉଥିବା ସମସ୍ତ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ସମେତ ବିଭିନ୍ନ ଇନ୍‌ସ୍ୟୁରାନ୍ସ କମ୍ପାନୀ ଓ ଷ୍ଟେଟ କୋଅପରେଟିଭ ବ୍ୟାଙ୍କ ଏବଂ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କଗୁଡ଼ିକ ମଧ୍ୟ ୫୦% କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିପାରିବେ ବୋଲି ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଯେଉଁ ଶାଖାରେ ୫ରୁ କମ୍ କର୍ମଚାରୀ କାର୍ଯ୍ୟ କରୁଛନ୍ତି ସେହି ସବୁ ଶାଖାରେ ପୂରା କର୍ମଚାରୀଙ୍କୁ ନେଇ ୩୧ ଅଗଷ୍ଟ ପର୍ଯ୍ୟନ୍ତ କରୋନା କଟକଣା ସହ କାର୍ଯ୍ୟ କରିପାରିବେ ବୋଲି ମଧ୍ୟ କୁହାଯାଇଛି। ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କଟକଣା ଓ ନିୟମାବଳୀକୁ ଜିଲା ପ୍ରଶାସନ ତଦାରଖ କରିବ ବୋଲି ସୂଚନା ମିଳିଛି।

**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜିଜି/ସିକେପି, ଏସ୍.ଇ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି.: (୧) ସିକେପି-ଇଷ୍ଟ-୨୦-୨୧-୦୫, ତାରିଖ: ୩୧।୦୭।୨୦୨୦;** ଏଡିଇଏନ୍/।/ଟାଟା ଅଧୀନରେ (i) ହାଲୁଦପୁକୁର-ବାହାଲଦା ରୋଡ୍ ସେକ୍ସନ ମଧ୍ୟରେ ଆର୍‌ୟୁବି ନିର୍ମାଣ ଦ୍ୱାରା ୦୨ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲସି ନଂ. ଟିବି-୧୭ ଓ ଟିବି-୨୧)କୁ ହଟାଇବା। (ii) ଟାଟାନଗର-ହାଲୁଦପୁକୁର ମଧ୍ୟରେ ଆର୍‌ୟୁବି ନିର୍ମାଣ କରି ୦୩ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲସି ନଂ. ଟିବି-୧୧, ଟିବି-୧୨ ଓ ଟିବି-୧୩)କୁ ହଟାଇବା; ₹୨୫,୦୫,୪୭,୨୨୬.୦୪; ₹୧୪,୦୨,୭୦୦/- **(୨) ସିକେପି-ଇଷ୍ଟ-୨୦-୨୧-୦୬, ତାରିଖ ୩୧।୦୭।୨୦୨୦;** ଏଡିଇଏନ୍/।/ଟାଟା ଅଧୀନରେ (i) ଟାଟାନଗର-ହାଲୁଦପୁକୁର ମଧ୍ୟରେ ଆର୍‌ୟୁବି ନିର୍ମାଣ ଦ୍ୱାରା ୦୩ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲସି ନଂ. ଟିବି-୬, ଟିବି-୮ ଓ ଟିବି-୯)କୁ ହଟାଇବା। (ii) ଅଁଳାଯୋଡ଼ି-ରାଜଗଙ୍ଗପୁର ସେକ୍ସନ ମଧ୍ୟରେ ଆର୍‌ୟୁବି ନିର୍ମାଣ କରି ୦୨ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲସି ନଂ. ଟିବି-୪୬ ଓ ଟିବି-୫୧)କୁ ହଟାଇବା। (iii) ରାଜଗଙ୍ଗପୁର-ବାଦାମପାହାଡ଼ ସେକ୍ସନ ମଧ୍ୟରେ ଆର୍‌ୟୁବି ନିର୍ମାଣ କରି ୦୧ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲସି ନଂ. ଟିବି-୬୧)କୁ ହଟାଇବା; ₹୨୫,୩୧,୮୪,୯୪୯.୯୦; ₹୧୪,୧୫,୯୦୦/- **(୩) ସିକେପି-ଇଷ୍ଟ-୨୦-୨୧-୦୭, ତାରିଖ ୩୧।୦୭।୨୦୨୦;** ଏଡିଇଏନ୍/।/ଟାଟା ଅଧୀନରେ (i) ବାହାଲଦା ରୋଡ୍-ଅଁଳାଯୋଡ଼ି ସେକ୍ସନ ମଧ୍ୟରେ ଆର୍‌ୟୁବି ନିର୍ମାଣ ଦ୍ୱାରା ୦୩ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲସି ନଂ. ଟିବି-୩୫, ଟିବି-୩୭ ଓ ଟିବି-୪୦)କୁ ହଟାଇବା। (ii) କୁଲଡିହା-ବାଦାମପାହାଡ଼ ଏବଂ ଅଁଳାଯୋଡ଼ି-ଗୋରୁମହିଷାଣୀ ସେକ୍ସନ ମଧ୍ୟରେ ଆର୍‌ୟୁବି ନିର୍ମାଣ କରି ୦୨ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲସି ନଂ. ଟିବି-୭୫ ଓ ଓକି-୭)କୁ ହଟାଇବା। ₹୨୫,୦୬,୧୮,୪୯୩.୪୫; ₹୧୪,୦୩,୧୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୧୦,୦୦୦/-। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ୨୬।୦୮।୨୦୨୦ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-184)

# ଭୁବନେଶ୍ୱର: ସଂକ୍ରମଣ ୩ ହଜାର ପାର୍

ଭୁବନେଶ୍ୱର,୩।୮(ବ୍ୟୁରୋ)

- ପୁଣି ଆଇଗିଣିଆ ଆଳୁଗଦିରୁ ୧୭ ଚିହ୍ନଟ
- ୮୯ ନୂଆ ଆକ୍ରାନ୍ତ, ୧୦୭ ସୁସ୍ଥ

ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩ ହଜାର ପାର କରିଛି। ସୋମବାର ନୂଆ ଚିହ୍ନଟ ୮୯ ପଜିଟିଭ୍‌ଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୦୬୮ରେ ପହଞ୍ଚିଛି। ମୁଖ୍ୟ କଥା ହେଲା କ୍ରମାଗତ ଭାବେ ଗତ ୩ଦିନ ହେବ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଥିବା ଦେଖିବାକୁ ମିଳୁଛି। ଏଥିସହ ପ୍ରତ୍ୟେକ ଦିନ ଚିହ୍ନଟ ଆକ୍ରାନ୍ତଙ୍କ ତୁଳନାରେ ସୁସ୍ଥଙ୍କ ସଂଖ୍ୟା ଅଧିକ ଥିବା ଜଣାପଡ଼ିଛି। ଏହି ମର୍ମରେ ସୋମବାର ୧୦୭ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବାରୁ ଏମାନଙ୍କ ସଂଖ୍ୟା ୧୭୯୮ରେ ପହଞ୍ଚିଥିବା ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି।

ସୋମବାର ଚିହ୍ନଟ ୮୯ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ୨୪ଜଣ ସ୍ଥାନୀୟ ସଂକ୍ରମିତ ଥିବାବେଳେ ୬୫ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୁଣି ଆଇଗିଣିଆ ଆଳୁଗଦିରୁ ୧୭ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଯାବତ୍ ଆଳୁଗଦିରୁ ପାଖାପାଖି ୬୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ବିଏମ୍‌ସି ପାଇଁ ଏହା ମୁଣ୍ଡବିନ୍ଧାର କାରଣ ସାଜିଛି। ଭୁବନେଶ୍ୱରର ବିଭିନ୍ନ ହାଟ, ବଜାର ତଥା ବଡ଼ ଆଳୁ ଗୋଦାମକୁ ଆଇଗିଣିଆରୁ ଆଳୁ ଓ ଅନ୍ୟ ସାମଗ୍ରୀ ପହଞ୍ଚୁଥିବାବେଳେ ଏତେ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହେବା ଜନସାଧାରଣଙ୍କୁ ଆତଙ୍କିତ କରିଛି। ଜଣଙ୍କ ସଂସ୍ପର୍ଶରେ ଆସି ଅନ୍ୟ ସମସ୍ତେ ଆକ୍ରାନ୍ତ ହୋଇଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ସେହିପରି ରିଜର୍ଭ ପୋଲିସ କଲୋନୀରୁ ପୁଣି ୭ଜଣ ସଂକ୍ରମିତ ବାହାରିଛନ୍ତି। ଏହାବ୍ୟତୀତ ଗୌତମ ନଗର ବସ୍ତିରୁ ୫, ବରଗଡ଼ ନୂଆସାହିରୁ ୪, ବିଜେବି ନଗରରୁ ୪, ରସୁଲଗଡ଼ ଜିଜିପି କଲୋନୀରୁ ୩, ଜାଗମରା ଉପରସାହିରୁ ୩, ଚନ୍ଦ୍ରଶେଖରପୁର ଶ୍ରମିକ ବସ୍ତିରୁ ୩, ଗଙ୍ଗନଗର, ୟୁନିଟ୍-୬ ରାଧାକୃଷ୍ଣ ବସ୍ତି, ୟୁନିଟ୍-୮ ସିବିଆଇ କଲୋନୀ, ୟୁନିଟ୍-୬ ଆଦି ଅଞ୍ଚଳରୁ ୨ଜଣ ଲେଖାଏ ଏବଂ ଅନ୍ୟାନ୍ୟ ସ୍ଥାନରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ ସପ୍ତାହରେ ପ୍ରତିଦିନ ପାଖାପାଖି ୨୦୦ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ଚଳିତ ସପ୍ତାହର ପ୍ରଥମ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳକୁ ଖସିଛି। ଏଭଳି ଖବର ରାଜଧାନୀବାସୀଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। ଲୋକେ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା, ବଜାର ହାଟରେ ଭିଡ଼ ନ କରିବା ଭଳି କୋଭିଡ୍ କଟକଣାକୁ ମାନି ଚଳିଲେ ସଂକ୍ରମଣ ହାର ଦ୍ରୁତ ଗତିରେ ହ୍ରାସ ପାଇବ ବୋଲି ଅନେକେ ମତ ଦେଇଛନ୍ତି। ଏହାବାଦ୍ ଏବେ ବି ୧୨୫୦ଜଣ ସଂକ୍ରମିତ ବିଭିନ୍ନ କୋଭିଡ୍ ହସ୍ପିଟାଲ, ଗୃହ ଏକାନ୍ତବାସ, କୋଭିଡ୍ କେୟାର ସେଣ୍ଟର ଏବଂ କମ୍ୟୁନିଟି କୋଭିଡ୍ କେୟାର ସେଣ୍ଟର ଆଦିରେ ଚିକିତ୍ସିତ ହେଉଥିବା ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. : AIIMS/BBSR/Engg./ 557/ NIT-009 / 2020-21 Dated : 27th Jul 2020
**NOTICE INVITING E-TENDER**
The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Renovation of Mini Auditorium inside the campus of AIIMS, Bhubaneswar** (NIT No. : AIIMS/BBSR/Engg./ 009 /2020-21). The detailed Tender Document along with Last Date & Time of Submission of Tender can be viewed & downloaded from the website www.aiimsbhubaneswar.nic.in, www.tenderwizard.com AIIMSBBSR & CPP Portal www.eprocure.gov.in.
Sd/-
Executive Engineer(Civil) I/C
AIIMS, Bhubaneswar

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଅଗଷ୍ଟ, ୨୦୨୦

## ସାପ କାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ

**ବୋଲଗଡ଼ (ଡି.ଏନ୍.ଏ.):** ବୋଲଗଡ ବ୍ଲକ ଅନ୍ତର୍ଗତ ହାଟସାହି ଗ୍ରାମରେ ସୋମବାର ସାପ କାମୁଡ଼ାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୀପକ କୁମାର ମହାପାତ୍ର। ପରମାନନ୍ଦ ମହାବିଦ୍ୟାଳୟର ଯୁକ୍ତ ତିନି କଳାର ଶେଷ ବର୍ଷର ଦୀପକ ଛାତ୍ର ଥିଲେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଦୀପକ ଘର ପାଖରେ ବୁଲୁଥିବା ବେଳେ ହଠାତ୍ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ନୟାଗଡ ଜିଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀପକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



**ସଂକ୍ଷେପରେ**

## ଡକାୟତି ଯୋଜନା: ୫ ଗିରଫ

**ଖୋର୍ଦ୍ଧା ଅଫିସ,୩।୮:** ଖୋର୍ଦ୍ଧା ୧୬ନଂ. ଜାତୀୟ ରାଜପଥ ଗଙ୍ଗପଡା ଛକରେ ଡକାୟତି ଯୋଜନା କରୁଥିବା ୫ ଅଭିଯୁକ୍ତଙ୍କୁ ଜଟଣୀ ପୋଲିସ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ରାଜ ଦଳବେହେରା(୨୨), ଉଜିନ୍ ଖାନ(୫୨), ଜଟଣୀର ସେକ୍ କାସିମ(୧୯), ରମାକାନ୍ତ ସ୍ୱାଇଁ(୨୨) ଏବଂ ଫୁଲବାଣୀ ପିଅନପଡ଼ାର କାହ୍ନୁ ପରିଡା(୨୨)। ସୋମବାର ପୋଲିସ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ କାହ୍ନୁଙ୍କ କରୋନା ଲକ୍ଷଣ ଦେଖାଦେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ବୋଲେରୋ, ପିକଅପ ଭ୍ୟାନ୍, ୪ ବାଇକ୍, ମାରଣାସ୍ତ୍ର ଓ ୨ଟି ମୋବାଇଲ ଫୋନ ଜବତ ହୋଇଛି। ଅଭିଯୁକ୍ତ ରାଜଙ୍କ ନାଁରେ ଭୁବନେଶ୍ୱର, ବାଲୁଗାଁ, ଜଟଣୀ ଏବଂ ଖୋର୍ଦ୍ଧା ଥାନାରେ ୧୧ଟି ମାମଲା ରହିଥିବା ବେଳେ ଉଜିନଙ୍କ ନାଁରେ ଖୋର୍ଦ୍ଧା ଥାନାରେ ୨ଟି ମାମଲା ରହିଥିବା ପୋଲିସ କହିଛି। ପ୍ରକାଶ ଯେ, ଗଙ୍ଗପଡ଼ା ଛକରେ ଡକାୟତି ଯୋଜନା ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ରବିବାର ରାତିରେ ଜଟଣୀ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଥାନାରେ ପଚରାଉଚୁରା ପରେ ଜାତୀୟ ରାଜପଥରେ ଡକାୟତି ଏବଂ ଜଟଣୀ ଅଞ୍ଚଳରେ ଗୋ' ଚାଲାଣରେ ସେମାନଙ୍କର ସମ୍ପୃକ୍ତି ଥିବା ସ୍ୱୀକାର କରିଥିବା ପୋଲିସ କହିଛି।

## ଜୁଆ ଆଡ୍ଡାରେ ଚଢ଼ାଉ
### ଜଣେ ଗିରଫ, ୭୨ ହଜାର ଟଙ୍କା ଜବତ

**ପୁରୀ ଅଫିସ, ୩।୮:** ପୁରୀ ସହର ଏବଂ ଏହାର ଉପକଣ୍ଠରେ ଗତ କିଛିଦିନ ହେବ ଜୁଆ ଖେଳ ଜୋର୍ ଧରିଛି। ବଡ଼ଦାଣ୍ଡ ପାର୍ଶ୍ୱ ଜଗନ୍ନାଥ ବଲ୍ଲଭ ପାର୍କିଂ ପରିସରରେ ରବିବାର ଜୁଆ ଖେଳ ଚାଲିଥିଲା। ଖବର ପାଇ ଟାଉନ ଥାନା ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ସେଠାରେ ଚଢାଉ କରିଥିଲା। ଏହି ଚଢାଉ ବେଳେ ଜଣଙ୍କୁ କାବୁ କରାଯାଇଥିବାବେଳେ ଏକାଧିକ ଜୁଆଡ଼ି ଖସିଯିବାକୁ ସକ୍ଷମ ହୋଇଛନ୍ତି। ମାତ୍ର ୩ଟି ଗାଡ଼ି ସମେତ ୭୨ ହଜାର ଟଙ୍କା ପୋଲିସ ଜବତ କରିଛି। ଏହି ଜୁଆ ଆଡ୍ଡାରୁ ପୋଲିସ ସଦର ଥାନା ଅଧୀନ ହଳଦିଆର ଶେଷଦେବ ପାଢୀଙ୍କୁ ଗିରଫ କରିଛି। ଏହାବ୍ୟତୀତ ଦୁଇମୁଠା ତାସ୍, ଗୋଟିଏ ପଲ୍ସର ବାଇକ୍ (ଓଡ଼ି୧୩ ଜେ-୭୮୬୭), ଗୋଟିଏ ୟାମାହା ବାଇକ୍ (ଓଡ଼ି୧୩ କେ-୭୨୯୦), ଗୋଟିଏ ସ୍କୁଟି (ଓଡ଼ି୧୩ କେ-୧୦୪୬), ୭୨ହଜାର ଟଙ୍କା ଏବଂ ଏକ ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୫୫/୨୦) ରୁଜୁ ସହ ତଦନ୍ତ ଜାରି ରହିଛି। ଖସିଯାଇଥିବା ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଏସ୍‌ପି ଅଖିଳେଶ୍ୱର ସିଂ କହିଛନ୍ତି। ସୂଚନାଥାଉ କି, ଗତମାସ ୮ ତାରିଖ ରାତିରେ ଶଙ୍କରେଶ୍ୱର ମନ୍ଦିର ପାଖ ଜଙ୍ଗଲରେ ଜୁଆ ଆଡ୍ଡା ଚାଲିଥିଲା। ବାସେଳି ସାହି ଥାନା ପୋଲିସ ଚଢାଉ କରି ୬ଜଣଙ୍କୁ ଧରିବା ସହ ୫୪,୩୮୦ ଟଙ୍କା, ୩ ବାଇକ୍ ଏବଂ ୭ଟି ମୋବାଇଲ ଫୋନ୍ ଜବତ କରିଥିଲା। ସେହିପରି ଗତ ୨୯ ତାରିଖରେ ତଳଜଙ୍ଗରେ ଚାଲିଥିବା ଜୁଆ ଆଡ୍ଡାରେ ଚନ୍ଦନପୁର ଥାନା ପୋଲିସ ଚଢାଉ କରି ୧୨ଜଣଙ୍କୁ ଗିରଫ କରିଥିଲା। ଏଥିସହ ୮୬, ୨୦୦ ଟଙ୍କା, ୨ଟି କାର, ୭ଟି ବାଇକ୍ ଜବତ କରାଯାଇଥିଲା।

## ଅମିତ ଶାହାଙ୍କ ଆରୋଗ୍ୟ ପାଇଁ ଦୀପଦାନ

**ପୁରୀ ଅଫିସ/ପୁରୁଣା ଭୁବନେଶ୍ୱର/ଚୌଦ୍ୱାର,୩।୮ (ଡି.ଏନ୍.ଏ.):**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କରୋନା ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ଆଶୁ ଆରୋଗ୍ୟ କାମନା କରି ପୁରୀ ଜିଲା ଭାଜପା ପକ୍ଷରୁ ସୋମବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ମଧୁସୂଦନ ସିଂହାରୀ, ଶାଶ୍ୱତ ମହାପାତ୍ର, ସଞ୍ଜୀବ ମୁଖାର୍ଜୀ ପ୍ରମୁଖ ସାମିଲ ଥିଲେ। ସେହିପରି ଭାଜପା ଭୁବନେଶ୍ୱର ଜିଲା ପକ୍ଷରୁ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଦୀପଦାନ କରାଯାଇଛି। ଏଥିରେ ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ବାବୁ ସିଂ, ଜଗନ୍ନାଥ ପ୍ରଧାନଙ୍କ ସମେତ ଲିଙ୍ଗରାଜ ମଣ୍ଡଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚୌଦ୍ୱାର ମଣ୍ଡଳ ଭାଜପା ପକ୍ଷରୁ ବାଣୀପଦା ବାଲୁଙ୍କେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ସମୂହ ଦୀପଦାନ କରାଯାଇଛି। ମଣ୍ଡଳ ସଭାପତି ବିପିନ ସ୍ୱାଇଁ, ଅଜିତ୍ ସୁବୁଦ୍ଧିରାୟ, ସୌରଭ ସ୍ୱାଇଁ, ବିଜୟ ବଳ, ଦେବେନ୍ଦ୍ର ସାହୁ, ଗୋପାଳ ପରିଡା, କୁବେର ସୁବୁଦ୍ଧିରାୟ, ଆର୍ଯ୍ୟାବାଳା ସ୍ୱାଇଁ, ଆରତି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଧରାପଡ଼ିଲା ଦୁଇ ଲୁଟେରା ଗ୍ୟାଙ୍ଗ୍, ୮ ଗିରଫ

**ଭୁବନେଶ୍ୱର,୩।୮ (ବ୍ୟୁରୋ)**





ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

- ଦେହରେ ତେଲ ମାରୁଥିଲେ, ଲୁଟ୍ ପରେ ସହଜରେ ଖସିଯାଉଥିଲେ
- ୭୦ ମୋବାଇଲ୍ ଫୋନ୍, ୨୩ ଲାପ୍‌ଟପ୍, ୯ ବାଇକ ଜବତ
- ପୁରୁଣା ସାମଗ୍ରୀ କିଣିବାବେଳେ ବିଲ୍ ଦେଖିବାକୁ ଡିସିପିଙ୍କ ପରାମର୍ଶ

କମିଶନରେଟ ପୋଲିସର ନିଦ ହଜାଇଥିବା ଦୁଇ ଲୁଟେରା ଗ୍ୟାଙ୍ଗ୍ ଧରାପଡିଛି। ଏଥିସହ ୮ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୭୦ ମୋବାଇଲ ଫୋନ୍, ୨୩ ଲାପ୍‌ଟପ୍, ୯ ବାଇକ ଓ ୨ ଏଲ୍‌ଇଡି ଟିଭି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚକେଇସିଆଣିରେ ରହୁଥିବା ରଞ୍ଜନ ସେନାପତି(୨୦), ମାଳିସାହି ମସ୍‌ଜିଦ କଲୋନୀର ସଞ୍ଜୟ ବେହେରା(୨୩), ବରମୁଣ୍ଡା ପାଲାମଣ୍ଡପ ସାହିର ମଣ୍ଟୁ ପାଇକରାୟ(୩୮) ଓ ସେକ୍ ଜାଭେଦ(୩୭)। ଏମାନେ ଦୁଇ ଲୁଟେରା ଗ୍ୟାଙ୍ଗ୍‌ର ସଦସ୍ୟ ହୋଇଥିବାବେଳେ ଏମାନଙ୍କ ନାମରେ ଖାରବେଳ ନଗର, ଖଣ୍ଡଗିରି, ଜଟଣୀ ଓ ଏୟାରଫିଲ୍ଡ ଥାନାରେ ଏକାଧିକ ମାମଲା ରହିଛି। ସେହିପରି ଅନ୍ୟ ୪ଜଣ ହେଲେ ସାମନ୍ତରାପୁରର ଚନ୍ଦନ କୁମାର ପ୍ରଧାନ(୨୭), ଗୁରୁଜଙ୍ଗ ଟାଙ୍ଗିସାହିର ଭାଗବତ ପ୍ରସାଦ ମହାପାତ୍ର(୩୨), ପୁରୀ ଜିଲା ଗୋପର ଆଲୋକ ବେହେରା(୨୮) ଓ ନିମାପଡାର ପ୍ରଦୀପ କୁମାର ଦାଶ(୩୩)। ଏମାନେ ଲୁଟ୍ ଓ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଗିରଫ ହୋଇଥିଲେ। ତେବେ ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି।

ଗତ କିଛିଦିନ ହେବ ରାଜଧାନୀରେ ଲୁଟ୍ ଓ ଚୋରି ବଢ଼ି ଯାଇଥିଲା। ପୋଲିସ ଅଧିକାରୀ ମଧ୍ୟ ବର୍ତ୍ତି ପାରି ନ ଥିଲେ। ଶେଷରେ ଏମାନଙ୍କୁ ଧରିବା ପାଇଁ ୩ଟି ସ୍କ୍ୱାଡ୍ ଗଠନ କରାଯାଇ ଜେଲ୍ ଫେରନ୍ତା ଲୁଟେରାଙ୍କ ଉପରେ ନଜର ରଖିଥିଲା। ଏନେଇ ଏକ ତାଲିକା ପ୍ରସ୍ତୁତ କରାଯାଇ ଚଢ଼ାଉ ଆରମ୍ଭ ହୋଇଥିଲା। ପୋଲିସ ଦେଇଥିବା ସୂଚନାନୁସାରେ, ଗିରଫ ମଣ୍ଟୁ ଗ୍ୟାଙ୍ଗ୍ ଗଢି ଖଣ୍ଡଗିରି ଓ ତମାଣ୍ଡୋ ଥାନା ଅଞ୍ଚଳରେ ଥିବା ଛାତ୍ରାବାସକୁ ଟାର୍ଗେଟ କରୁଥିଲେ। ଦିନରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ପରେ ରାତିରେ ସହଯୋଗୀଙ୍କ ସହ ସେ ବାଲ୍‌କୋନି ଦେଇ ହଷ୍ଟେଲରେ ପଶି ଲାପ୍‌ଟପ୍ ଓ ମୋବାଇଲ୍ ଫୋନ୍ ସମେତ ଯାହା ପାଉଥିଲେ ଚୋରି କରୁଥିଲେ। ତେବେ ଯେପରି କେହି ସହଜରେ ଧରିପାରିବେ ନାହିଁ ସେଥିପାଇଁ ସେମାନେ ଦେହରେ ତେଲ ବୋଳି ଯାଉଥିଲେ। ରବିବାର ରାତିରେ ଖଣ୍ଡଗିରି ଅଞ୍ଚଳରେ ଯାଞ୍ଚବେଳେ ମଣ୍ଟୁ ଧରାପଡିଥିଲେ। ତାଙ୍କୁ ପଚରାଉଚରା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରି ସାମଗ୍ରୀ ଜବତ କରିବା ସହ ସେସବୁକୁ କିଣିଥିବା ୪ଜଣଙ୍କୁ ଗିରଫ କରାଯାଇଥିଲା।

ସେହିପରି ରଞ୍ଜନ, ସଞ୍ଜୟ ଓ ଜାଭେଦ ଅନ୍ୟଏକ ଗ୍ୟାଙ୍ଗ୍ କରିଥିଲେ। ସେମାନେ ଭିଡ଼ରେ ପଶି ଲୋକଙ୍କ ମୋବାଇଲ ଓ ପର୍ସ ଝାମ୍ପି ନେବା ସହ ରାତିରେ ଯାତ୍ରୀଙ୍କୁ ଅଟକାଇ ଲୁଟୁଥିଲେ। ଏହାସହ ଲୋକଙ୍କ ଘରେ ପଶି ଚୋରି କରୁଥିଲେ। ସ୍ପେଶାଲ ସ୍କ୍ୱାଡ୍ ଏକ ଚୋରି ମୋବାଇଲ୍ ଫୋନ୍‌ର ଇଏମ୍‌ଆଇ ନମ୍ବରରୁ ସେମାନଙ୍କ ପାଖରେ ପହଞ୍ଚିଥିଲା।

ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ଲୋକମାନେ ସେକେଣ୍ଡ ହ୍ୟାଣ୍ଡ ସାମଗ୍ରୀ କିଣିବାବେଳେ ରସିଦ ବା ବିଲ୍ ଦେଖି କିଣନ୍ତୁ। ନ ହେଲେ ଜାଣତରେ ହେଉ ଅବା ଅଜାଣତରେ କ୍ରାଇମ୍ କରି ବସିବେ। ପ୍ରମାଣ ମିଳିଲେ ଆମେ ଗିରଫ କରିବାକୁ ବାଧ୍ୟ ହେବୁ। ଏହାସହ ବାଇକ୍‌ରେ ଜିପିଏସ୍ ଲଗାଇ ନିଜ ହେପାଜତରେ ରଖନ୍ତୁ ବୋଲି ଦାଶ କହିଛନ୍ତି।

## ଡକାୟତି ଉଦ୍ୟମ ପଣ୍ଡ: ୨ ଗିରଫ, ଖଣ୍ଡା ଜବତ



**ଭୁବନେଶ୍ୱର, ୩।୮ (ବ୍ୟୁରୋ)**

ଖାରବେଳନଗର ଥାନା ଅନ୍ତର୍ଗତ ରିକ୍ସା କଲୋନୀ ବସ୍ତିରୁ ଡକାୟତି ପାଇଁ ଯୋଜନା କରୁଥିବା ଏକ ଗ୍ୟାଙ୍ଗ୍‌କୁ ଧରିଛି ପୋଲିସ। ୨ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୨ଟି କଟୁରି, ଗୋଟିଏ ଖଣ୍ଡା, ଲଣ୍ଡାଗୁଣ୍ଡ ପ୍ୟାକେଟ, ୪ ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମସ୍‌ଜିଦ କଲୋନୀର ଏସ୍.କେ ଆଲିଆଜମ୍ ମଲ୍ଲିକ(୩୦) ଓ ବୁଦ୍ଧନଗର ପ୍ରଧାନ ବସ୍ତିର ସୀମାଞ୍ଚଳ ପାଢ଼ୀ(୨୪)। ପୋଲିସ କେସ୍ ନଂ–୧୬୯/୨୦ ଦଫା ୩୯୯, ୪୦୨ ଓ ୨୫ ଆର୍ମ ଆକ୍ଟ ଲଗାଇ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ବସ୍ତିର ଏକ ଓମ୍‌ଫେଡ୍ ଦୋକାନ ନିକଟରେ ବସି ଡକାୟତି ପାଇଁ ଯୋଜନା ହେଉଥିବା ନେଇ ଖବର ମିଳିବା ପରେ ପୋଲିସ ଚଢ଼ାଉ କରିଥିଲା। ତେବେ ଚଢ଼ାଉବେଳେ ଅନ୍ୟ ୨ଜଣ ଫେରାର ହୋଇଥିଲେ।

## ଗୋମାଂସ ଜବତ: ୨୫ ବାଛୁରି ଉଦ୍ଧାର

**ମାହାଙ୍ଗା,୩।୮ (ସ୍ୱ.ପ୍ର.)**

**ସ୍ୱାସ୍ଥ୍ୟ କର୍ମଚାରୀ ଗିରଫ**

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଜୟପୁର ଫାଣ୍ଡି ଅଧୀନ ମଲିକପୁର ଗ୍ରାମର ସେକ ବାବୁଙ୍କ ବାସ ଭବନରେ ସୋମବାର ସନ୍ଧ୍ୟାରେ ଚଢ଼ାଉ କରାଯାଇ କୁଇଣ୍ଟାଲ କୁଇଣ୍ଟାଲ ଗୋରୁ ମାଂସ ଜବତ କରାଯାଇଛି। ଏଥିସହ ସେଠାରୁ ୨୫ରୁ ଉର୍ଦ୍ଧ୍ୱ ବାଛୁରିଙ୍କୁ ଉଦ୍ଧାର କରାଯାଇଛି। ସେକ୍ ନୁର୍ତ୍ତାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଚତୁର୍ଥ ଶ୍ରେଣୀ କର୍ମଚାରୀ ବୋଲି ଜଣାପଡ଼ିଛି। ତାଙ୍କୁ ଗିରଫ କରାଯାଇ ଥାନାରେ ପଚାରାଉଚୁରା କରାଯାଉଛି। କୌଣସିସୂତ୍ରରୁ ଖବରପାଇ ମାହାଙ୍ଗା ପୋଲିସ ସେଠାରେ ଚଢ଼ାଉ କରିଥିଲା। ଚଢାଉ ବେଳେ ଉକ୍ତ କଂସେଇଖାନାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଫେରାର ହୋଇଯାଇଥିବା ବେଳେ ସେକ୍ ଧରାପଡ଼ିଥିଲେ। ଏହି ବେଆଇନ୍ କାର୍ଯ୍ୟରେ ତାଙ୍କୁ ଭାଇମାନେ ସହଯୋଗ କରୁଥିବା ନେଇ ପୋଲିସ କହିଛି। ଅଭିଯୁକ୍ତ ସେକ ଏକ ଗାଡିରେ କୋଭିଡ୍ ଡ୍ୟୁଟି ଲେଖାଥିବା କାଗଜ ମାରି ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରୁଥିବା ପୋଲିସ ଆଗରେ କହିଛନ୍ତି। ଘଟଣାସ୍ଥଳରୁ ଜବତ ହୋଇଥିବା ଗୋରୁ ମାଂସକୁ କିରୋସିନ, ଫିନାଇଲ ଓ ବ୍ଲିଚିଂ ପକାଇ ପୋତି ଦିଆଯାଇଛି। ଏହି ଚଢାଉରେ ଜୟପୁର ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ, ଏସ୍‌ଆଇ ନରେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ସାମିଲ ହୋଇଥିଲେ।

## 'ବିଧାୟକଙ୍କ ବିରୋଧରେ ଅଭିଯୋଗ ଭିତ୍ତିହୀନ'

**ନରାଜ,୩।୮ (ଡି.ଏନ୍.ଏ)**

କୋଭିଡ୍ ନିୟମ ଉଲ୍ଲଂଘନ କରି ପୂର୍ବତନ ବିଧାୟକ ପେଟ୍ରୋଲ ପମ୍ପ ଉଦ୍‌ଘାଟନ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଅଗଷ୍ଟ ୧ରେ ବାଙ୍କୀ ଥାନାରେ ଏତଲା ଦିଆଯାଇଥିଲା। ବାଙ୍କୀ ବାରଙ୍ଗ ବିଜୁ ଜନତାଦଳର ମୁଖପାତ୍ର ତଥା ଯୁବନେତା କବୀନ୍ଦ୍ର ସିଂହ ସୋମବାର ଏକ ଖବରଦାତା ସମ୍ମିଳନୀରେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଓ ବର୍ତ୍ତମାନର ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ବିରୋଧରେ ଭାଜପା ଓ କଂଗ୍ରେସ ଆଣିଥିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି। କବୀନ୍ଦ୍ର କହିଛନ୍ତି, ପୂର୍ବତନ ବିଧାୟକ ସେଠାରେ ଆନୁଷ୍ଠାନିକ ଭାବେ କୌଣସି ସଭା କରି ନ ଥିଲେ କିମ୍ବା କୌଣସି ଦଳୀୟ କର୍ମୀଙ୍କୁ ଆସିବା ପାଇଁ ନିମନ୍ତ୍ରଣ କରି ନ ଥିଲେ। ପେଟ୍ରୋଲ ପମ୍ପ ମାଲିକଙ୍କ ଅନୁରୋଧରେ ଓ ସାଧାରଣ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରେ ରଖି ଖୁବଶୀଘ୍ର ଏହାକୁ ଉଦ୍‌ଘାଟନ କରିବା ଉଦ୍ଦେଶ୍ୟରେ ପୂର୍ବତନ ବିଧାୟକ ତ୍ରିପାଠୀ କେବଳ ନଡିଆ ବାଡ଼େଇ ଚାଲିଯାଇଥିଲେ। ଏହି କାର୍ଯ୍ୟକୁ ରାଜନୈତିକ ରୂପ ଦେବାକୁ ଉଦ୍ୟମ କରାଯାଇଛି। ଅପରପକ୍ଷେ କରୋନାସ୍ଥିତି ଯୋଗୁ ରାଜ୍ୟରେ ରକ୍ତ ଅଭାବ ଥିବା ନେଇ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଛି। ଏଭଳି ଘଡିସନ୍ଧି ସମୟରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ରକ୍ତର ଅଭାବ ପୂରଣ କରୁଥିବା ପୂର୍ବତନ ବିଧାୟକ ପ୍ରଭାତ ଓ ବର୍ତ୍ତମାନର ବିଧାୟକ ଦେବୀରଞ୍ଜନଙ୍କୁ ସୁପରସ୍ପ୍ରେଡର କହିବା କେତେଦୂର ଯୁକ୍ତିଯୁକ୍ତ ବୋଲି ମୁଖପାତ୍ର ସିଂହ ପ୍ରଶ୍ନ କରିଛନ୍ତି। ଉଭୟଙ୍କ ପ୍ରତି ଭାଜପା ଓ କଂଗ୍ରେସର ଏଭଳି ମନ୍ତବ୍ୟକୁ ସେ ଖବରଦାତା ସମ୍ମିଳନୀରେ ନିନ୍ଦା କରିଛନ୍ତି।



ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୯ତମ ଜୟନ୍ତୀ ପାଳନ ଅବସରରେ ସୋମବାର ଭୁବନେଶ୍ୱର ନାଲ୍‌କୋଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣବେଳେ ଉପସ୍ଥିତ ଉତ୍କଳ ସମ୍ମିଳନୀର ସଦସ୍ୟମାନେ।

## ଜମ୍ବେଶ୍ୱର ମନ୍ଦିରକୁ ବଜ୍ରପାତ ବିପଦ

**ପୁରୁଣା ଭୁବନେଶ୍ୱର,୩।୮ (ଡି.ଏନ୍.ଏ.)**

**ଆର୍ଥିଂ ତାର ଚୋରି କରିନେଲେ ଦୁର୍ବୃତ୍ତ**

ମନ୍ଦିର ମାଳିନୀ ଏକାମ୍ର କ୍ଷେତ୍ରରେ ରହିଛି ୭୦୦ବର୍ଷ ତଳର ଜମ୍ବେଶ୍ୱର ମନ୍ଦିର। ବଜ୍ରପାତରୁ ବର୍ତ୍ତିବା ପାଇଁ ଏହି ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା କରାଯାଇଥିଲା। ମାତ୍ର କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ତମ୍ବାର ଆର୍ଥିଂ ତାର ଚୋରି କରି ନେଇଯାଇଛନ୍ତି। ଯାହାକୁ ନେଇ ସାଧାଣରେ ଅସନ୍ତୋଷ ପ୍ରକାଶ ପାଇଛି। ବଜ୍ରପାତ ହେଲେ ମନ୍ଦିରକୁ ବିପଦ ରହିଥିବା ଜଣାପଡ଼ିଛି। ସୂଚନାଥାଉ କି, ୨୦୧୬ ଅଗଷ୍ଟ ୧ ତାରିଖରେ ଏହି ମନ୍ଦିରର ଦଧିନଉତିରେ ବଜ୍ରପାତ ହେବାରୁ ପଥର ଫାଟି ଝୁଲା ଅବସ୍ଥାରେ ରହିବା ସହ ଛୋଟ ପଥର ଖଣ୍ଡ ତଳେ ପଡ଼ିଥିଲା। ସେତେବେଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ମନ୍ଦିର ସମେତ ଅନ୍ୟ ୬ଟି ମନ୍ଦିର ବଜ୍ରପାତରୁ ବର୍ତ୍ତିବା ପାଇଁ ଆର୍ଥିଂ ବ୍ୟବସ୍ଥା କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଜମ୍ବେଶ୍ୱର ମନ୍ଦିରରୁ କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ତମ୍ବାର ଆର୍ଥିଂ ତାର ଚୋରି କରି ନେଇଯାଇଛନ୍ତି। ଏ ସମ୍ପର୍କରେ ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ବିଭାଗ ଅବଗତ ଥିଲେ ମଧ୍ୟ ନୀରବ ଦ୍ରଷ୍ଟା ସାଜିଛି। ବର୍ଷା ଋତୁରେ ମନ୍ଦିର ଚୂଡ଼ାରେ ବଜ୍ରପାତ ପୁନଃ ପଡ଼ିବା ଘଟଣାକୁ ଏଡ଼ାଇଦିଆଯାଇ ନ ପାରେ। ତେବେ ସମସ୍ତ ମନ୍ଦିରର ସୁରକ୍ଷା ଦିଗରେ ବିଭାଗ ଦୃଷ୍ଟି ଦେବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

## ଷ୍ଟାଡିୟମ ନିର୍ମାଣ କାର୍ଯ୍ୟର ସମୀକ୍ଷା

**ପୁରୀ ଅଫିସ,୩।୮**

ପୁରୀ ପେଣ୍ଟକଟାସ୍ଥିତ ନିର୍ମାଣାଧୀନ ଶ୍ରୀଜଗନ୍ନାଥ ଷ୍ଟାଡିୟମକୁ ସୋମବାର ଜିଲାପାଳ ବଲୱନ୍ତ ସିଂ ବୁଲି ଦେଖିବା ସହ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରାୟ ୧୪ ଏକର ପରିମିତ ଅଞ୍ଚଳରେ ୱାପ୍‌କସ ସଂସ୍ଥା ପକ୍ଷରୁ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏଥିରେ ଇନ୍‌ଡୋର ଷ୍ଟାଡିୟମ, ଗ୍ୟାଲେରି, ଆଉଟ୍‌ଡୋର, କ୍ରିକେଟ୍, ସୁଇମିଂପୁଲ, ଜିମ୍ନାସିୟମ, ଜଳ ଫୁଆରା, ୱାକିଂ ପାଥ୍, ପାଚେରି ଆଦି ନିର୍ମାଣ କରାଯିବ। ଘଣ୍ଟା ପ୍ରତି ପ୍ରାୟ ୨୨୦ କିମି ପବନ ବେଗ ବିଶିଷ୍ଟ ଝଡ଼କୁ ସହ୍ୟ କରିପାରୁଥିବା କ୍ଷମତା ଥିବା ଭଳି ନିର୍ମାଣ କାର୍ଯ୍ୟ ଜାରି ରହିଛି। କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲାପାଳ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସର ମରାମତି ସହ ନୂତନ ଭାବେ ୧୦୦ ଶଯ୍ୟା ବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ ନିର୍ମାଣ କରାଯିବ। ଏହାବ୍ୟତୀତ ବର୍ତ୍ତମାନ ଥିବା କମ୍ପ୍ଲେକ୍ସର ମରାମତି, ଶୌଚାଳୟ, ସୁରକ୍ଷାକର୍ମୀ ରହିବା ସ୍ଥଳ ଏବଂ ୧୦ଟି ପୃଥକ୍ ସ୍ପୋର୍ଟ୍ସ ରୁମ୍ ତିଆରି ହେବ। ପ୍ରାଥମିକ ବୈଷୟିକ କାମ ସାରି ନିର୍ମାଣ ଆରମ୍ଭ କରିବା ଲାଗି ଜିଲାପାଳ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସହାୟକ ନିର୍ବାହୀଯନ୍ତ୍ରୀ ଘନଶ୍ୟାମ ପଣ୍ଡା, ଅଜୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଫାର୍ସା ଚୋଟରେ ଯୁବକଙ୍କ ୪ ଆଙ୍ଗୁଠି କଟିଲା

**ଭୁବନେଶ୍ୱର,୩।୮ (ବ୍ୟୁରୋ)**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନୟାପଲ୍ଲୀ ବେହେରା ସାହିରେ ଜଣେ ଯୁବକଙ୍କୁ ଫାର୍ସାରେ ଆକ୍ରମଣ ହୋଇଛି। ବାପପୁଅଙ୍କ ଆକ୍ରମଣରେ ତାଙ୍କର ଗୋଡ଼ର ୪ଟି ଆଙ୍ଗୁଠି ଛିଣ୍ଡି ଯାଇଥିବାବେଳେ ବାମ ହାତ ଓ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଏଥିସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆହତ ଯୁବକ ଜଣକ ହେଲେ ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳର ଜୟନ୍ତ କୁମାର ଦାଶ।

## ଜିଲାପାଳଙ୍କ ପାଖେ 'ବର୍ଫି' ତଥ୍ୟ ନାହିଁ

**କଟକ ଅଫିସ,୩।୮**

ବାଲିଯାତ୍ରା ରିଭର ଫ୍ରଣ୍ଟ ଇମ୍ପ୍ରୁଭମେଣ୍ଟ ପ୍ରୋଜେକ୍ଟ (ବର୍ଫି)କୁ ନେଇ ମର୍କତନଗର ଅଞ୍ଚଳର ଅନୁଷ୍ଠାନ 'ଆହାର' ଆର୍‌ଟିଆଇରେ ତଥ୍ୟ ମାଗିଥିଲା। କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ହୋଇଥିବା ଏହି ଆବେଦନରେ ବର୍ଫି ଯୋଜନାର ବଜେଟ୍, କାର୍ଯ୍ୟ ଶେଷର ଅବଧି, ପ୍ରକଳ୍ପର ଉଦ୍ଦେଶ୍ୟ, କେଉଁଠାରୁ ଫଣ୍ଡିଂ ହୋଇଛି ସମେତ ଅନ୍ୟାନ୍ୟ ତଥ୍ୟ ଆହ୍ୱାନ କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରେ ଏ ନେଇ କୌଣସି ତଥ୍ୟ ନାହିଁ ବୋଲି ଆର୍‌ଟିଆଇ ଆବେଦନର ଉତ୍ତର ଆସିଛି। ଏନେଇ କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ପ୍ରେସ୍ ବିବୃତିରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲାପାଳ ତଥ୍ୟ ଲୁଚାଇବାକୁ ଚେଷ୍ଟାକରି ସୂଚନା ଅଧିକାର ଆଇନର ଉଲ୍ଲଂଘନ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଜିଲାପାଳ ଗତ ୫ ତାରିଖରେ ବର୍ଫି ଯୋଜନା ସମ୍ପର୍କରେ ଟୁଇଟ୍ କରି ନିଜ କାର୍ଯ୍ୟଦକ୍ଷତାର ପରିଚୟ ଦେଉଥିବା ବେଳେ ଏବେ ତଥ୍ୟ ଲୁଚାଇବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ରାଜ୍ୟ ସରକାର ହଠାତ୍ ତରବରିଆ ଭାବେ ମହାନଦୀ ଓ ବାଲିଯାତ୍ରା ପଡ଼ିଆ ଉନ୍ନତି ପାଇଁ 'ବର୍ଫି' ଯୋଜନା କରିଛନ୍ତି। ଏଥିପାଇଁ କୌଣସି ସବିଶେଷ ତଥ୍ୟ ଲୋକଲୋଚନକୁ ଅଣା ନ ଯାଇ ଯେଉଁଭଳି ଭାବେ ଇକୋ ଟୁରିଜିମ ନାଁରେ କାର୍ଯ୍ୟ ଆରମ୍ଭ କରାଯାଇଛି, ତାହା ସନ୍ଦେହ ଦୃଢ଼ୀଭୂତ କରୁଛି ବୋଲି ସେ କହିଛନ୍ତି। ଏହି ଯୋଜନା ପାଇଁ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଅନୁମତି ମିଳିଛି କି ନାହିଁ ତାହାକୁ ନେଇ ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।

# ସୁନାମୁଦି ବନ୍ଧକ ରଖି ମାଟ୍ରିକ ପଢ଼ାଇଥିଲେ ମା'

**ମା' ସୁନାମୁଦି ବନ୍ଧକ ରଖି ଯେଉଁ ଟଙ୍କା ଆଣିଥିଲେ, ସେଥିରେ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ ଝିଅ ସ୍ୱର୍ଣ୍ଣପ୍ରଭା। ସୁନାର ଧାତୁଟି ସିନା ଅନ୍ୟ ପାଖକୁ ଚାଲିଗଲା, କିନ୍ତୁ ଅସଲ ସୁନା ହୋଇ ଚମକିଲେ ସ୍ୱର୍ଣ୍ଣପ୍ରଭା। ଏଇ ନିକଟରେ ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷା ଫଳରେ ୯୦ ପ୍ରତିଶତ ମାର୍କ ରଖି ସେ ସ୍କୁଲ ଟପ୍ପର ହୋଇଛନ୍ତି। ଏବେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିବାକୁ ଇଚ୍ଛା। ସେଥିପାଇଁ ଘରଲୋକଙ୍କୁ ପୁଣି ଅର୍ଥ ଚିନ୍ତା ଘାରିଛି।**

**କଟକ ଅଫିସ,୩।୮**



ମା', ବାପାଙ୍କ ସହ ସ୍ୱର୍ଣ୍ଣପ୍ରଭା ସେଠୀ।

**ସୁନା ପରି ଚମକିଲେ ସ୍ୱର୍ଣ୍ଣପ୍ରଭା**

କାଜିବଜାର ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ସ୍ୱର୍ଣ୍ଣପ୍ରଭା ସେଠୀ। କାଳିଗଳିର ଦୁଇ ବଖରା ଘରେ ତାଙ୍କର ପରିବାର ରୁହନ୍ତି। ବାପା ଛବିନ୍ଦ୍ର ସେଠୀ ପ୍ରେସ୍‌ରେ କାମ କରୁଥିଲେ। ପ୍ରେସଗୁଡ଼ିକର କାର୍ଯ୍ୟ ଡିଜିଟାଲାଇଜ ହେବା ପରେ ତାଙ୍କର ଚାକିରି ଚାଲିଯାଇଥିଲା। ୬ ବର୍ଷ ହେବ ସେ ଶିଶୁଭବନ ପରିସରରେ ଥିବା ଆହାର କେନ୍ଦ୍ରରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଛନ୍ତି।

ବଡ଼ଝିଅ ସୁଭଦ୍ରା ମାଟ୍ରିକରେ ୮୨ ପ୍ରତିଶତ ମାର୍କ ରଖିବା ପରେ ଏବେ ସେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ପରୀକ୍ଷା ଦେଇଛନ୍ତି। ଗତ ଶିକ୍ଷାବର୍ଷରେ ବଡ଼ଝିଅ ସୁଭଦ୍ରାଙ୍କ ଯୁକ୍ତଦୁଇ ପରୀକ୍ଷା ଓ ସାନଝିଅ ସ୍ୱର୍ଣ୍ଣପ୍ରଭାଙ୍କ ମାଟ୍ରିକ ପରୀକ୍ଷା ରହିଥିଲା। ତେଣୁ ଉଭୟଙ୍କର ଟ୍ୟୁସନ ଓ ପାଠପଢ଼ା ଖର୍ଚ୍ଚ ଉଠାଇବା ଚିନ୍ତା ଘାରିଥିଲା। ପାଖରେ ଟଙ୍କା ନ ଥିବାରୁ ସ୍ତ୍ରୀ ଶକୁନ୍ତଳାଙ୍କ ସୁନାମୁଦି ବନ୍ଧା ପକାଇବାକୁ ହୋଇଥିଲା। ସେହିଥିରେ ସେମାନଙ୍କର ପଢ଼ାଖର୍ଚ୍ଚ ତୁଲାଇଥିଲେ ମା'–ବାପା। ଏତେ ସବୁ ଅଭାବ ଭିତରେ ବି ଝିଅ ସ୍ୱର୍ଣ୍ଣପ୍ରଭା ଭଲ ପାଠ ପଢ଼ି ସୁନା ପରି ଚମକିଲେ। ୯୦ ପ୍ରତିଶତ ମାର୍କ ରଖି ସେ ସ୍କୁଲ ଟପ୍ପର ହେଲେ। ମା' ପାଠପଢ଼ାରେ ଉତ୍ସାହିତ କରୁଥିଲେ। ଦିନକୁ ୧୦ରୁ ୧୨ ଘଣ୍ଟା ପଢୁଥିବାରୁ ଏହି ସଫଳତା ମିଳିଥିବା ସ୍ୱର୍ଣ୍ଣ କହିଛନ୍ତି। ଏବେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିବା ପାଇଁ ତାଙ୍କର ଇଚ୍ଛା। ଏହି ପାଠ୍ୟକ୍ରମରେ ଖର୍ଚ୍ଚ ମଧ୍ୟ ଅଧିକ। କରୋନା ସ୍ଥିତିରେ ଏବେ ଅନ୍‌ଲାଇନ୍ ପାଠପଢ଼ା ଚାଲିଛି। ଏତେସବୁ ଖର୍ଚ୍ଚ ଓ ଏତେ ସୁବିଧା ପାଇବା ତାଙ୍କ ପକ୍ଷେ ସହଜ କଥା ନୁହେଁ। ମା' ଶକୁନ୍ତଳା କହିଛନ୍ତି, ସେ ଅର୍ଥ ଅଭାବରୁ ୯ମ ଶ୍ରେଣୀରୁ ପାଠ ଛାଡ଼ିଥିଲେ। କିନ୍ତୁ ତାଙ୍କ ଝିଅମାନେ ମଧ୍ୟ ସେୟା ହୁଅନ୍ତୁ, ସେ ଚାହୁଁ ନ ଥିଲେ। ସମସ୍ତ ଅଭାବ ସତ୍ତ୍ୱେ ଏତେବାଟ ଦୁଇଝିଅଙ୍କୁ ପଢ଼ାଇ ଆଣିଲେ। ଆଗକୁ ଉଚ୍ଚଶିକ୍ଷା ପାଇଁ ଯେ କୌଣସି ସ୍ତରରୁ ସହାୟତା ମିଳିଲେ ସ୍ୱର୍ଣ୍ଣପ୍ରଭାଙ୍କ ସ୍ୱପ୍ନ ନିଶ୍ଚୟ ପୂରଣ ହେବ ବୋଲି ସେମାନେ ଆଶା ରଖିଛନ୍ତି।

ଧରିତ୍ରୀ
DHARITRI
ମଙ୍ଗଳବାର, ଅଗଷ୍ଟ ୪, ୨୦୨୦



## ବିଶ୍ୱ ପାଇଁ ବୃକ୍ଷର ଆବଶ୍ୟକତା ଜରୁରୀ

ବାଳକାଟୀ,(ଡି.ଏନ୍.ଏ.): ରାଖୀ ପୂର୍ଣ୍ଣିମାରେ ବାଲିଅନ୍ତା ପ୍ରେସ୍ କ୍ଲବ ପକ୍ଷରୁ ବାଳକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୃକ୍ଷରୋପଣ କରାଯାଇଛି। ସଭାପତି ସୋମନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଗୋଷ୍ଠୀ ଚିକିତ୍ସାଧିକାରୀ ଡା. ତନ୍ମୟ ତ୍ରିପାଠୀ, ବାଲିପାଟଣା ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ଯଦୁମଣି ଦାସ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱ ପାଇଁ ବୃକ୍ଷର ଆବଶ୍ୟକତା ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା.ମାନବ ମଧୁଦିତ, ବ୍ଲକ ପ୍ରୋଗ୍ରାମ ଅଫିସର ଅତସୀ ମହାନ୍ତି, ପ୍ରେସ୍ କ୍ଲବର ଉପଦେଷ୍ଟା ଦିଲୀପ ଓଝା, ଯୁବନେତା ଅରବିନ୍ଦ ସାହୁ ଯୋଗ ଦେଇଥିଲେ।

# କରୋନା ଆକ୍ରାନ୍ତଙ୍କ ପରିବାରକୁ ମିଳୁନି ସହଯୋଗ

- ସରପଞ୍ଚଙ୍କ ନାଁରେ ସୋସିଆଲ ମିଡିଆରେ ଅଭିଯୋଗ
- ସହାୟତା ନ ମିଳିଲେ କରିବୁ ଆତ୍ମହତ୍ୟା

ବାରଙ୍ଗ,୩।୮(ଡି.ଏନ୍.ଏ.):

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତର ଜଣେ କରୋନା ଆକ୍ରାନ୍ତଙ୍କ ପରିବାରକୁ ସରପଞ୍ଚ କୌଣସି ସହଯୋଗ କରୁ ନ ଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଉକ୍ତ ପରିବାର ପକ୍ଷରୁ କରାଯାଇଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଖବରପାଇ ସୋମବାର ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉକ୍ତ ପରିବାରକୁ ଭେଟି ଆର୍ଥିକ ସହାୟତା ଯୋଗାଇଦେବା ସହ ପ୍ରଶାସନ ତରଫରୁ ସମସ୍ତ ସହାୟତା ଦିଆଯିବାର ପ୍ରତିଶ୍ରୁତି ଦେଇ ଫେରିଛନ୍ତି।

ସୂଚନା ମୁତାବକ, ଏହି ପଞ୍ଚାୟତର ନୂଆବନ୍ତ ସାହି ୫ନଂ ୱାର୍ଡରେ ରହୁଥିବା ଜଣେ ମେକାନିକଙ୍କ ପଜିଟିଭ ବାହାରିବାପରେ ୨୪ତାରିଖରେ ତାଙ୍କୁ କୋଭିଡ୍ ହସ୍ପିଟାଲ ନିଆଯାଇଥିଲା। ପରେ ପରିବାର ସଦସ୍ୟମାନଙ୍କ ସ୍ୱାବ ଟେଷ୍ଟ କରାଯିବାରୁ ଦୁଇଜଣ ମହିଳାଙ୍କ ପଜିଟିଭ ବାହାରିଥିଲା। ଏହାପରେ ସରପଞ୍ଚ ପ୍ରବାସିନୀ ସାସମଲ ଉକ୍ତ ପରିବାରକୁ ଅଗଷ୍ଟ ୧୪ତାରିଖ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବାକୁ ଘୋଷଣା କରିଥିଲେ। ସଙ୍ଗରୋଧରେ ଥିବା ଏହି ପରିବାରକୁ ପାନୀୟଜଳ, ପନିପରିବା ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇଦେବାର ନିୟମ ଥିବାବେଳେ ସରପଞ୍ଚଙ୍କ ଦେଖାମିଳୁନାହିଁ କି ଏଦୀଗରେ ସହଯୋଗ କରୁନାହାନ୍ତି ବୋଲି ପରିବାରର ଜଣେ ସଦସ୍ୟ ଛାଡିଥିବା ଭିଡିଓରେ ଅଭିଯୋଗ କରିଛନ୍ତି। ଏଥିପ୍ରତି ସରପଞ୍ଚ ଓ ବିଧାୟକ ଦୃଷ୍ଟି ନ ଦେଲେ ସପରିବାରରେ ଆତ୍ମହତ୍ୟା କରିବେ ବୋଲି ଧମକ ଦିଆଯାଇଥିବା ଭିଡିଓରେ ଦର୍ଶାଯାଇଛି। ଏ ନେଇ ସରପଞ୍ଚ ସାସମଲ କୁହନ୍ତି, ଭିଡିଓ ଛାଡିଥିବା ଯୁବକ ଜଣଙ୍କର ଏହା ହେଉଛି ପାଗଳାମୀ। ତାଙ୍କୁ ଆବଶ୍ୟକ ସୁବିଧା ଦେବାକୁ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ରହିଛନ୍ତି। ସେ ସବୁବେଳେ କହୁଛନ୍ତି ମୋତେ ଆସି ଦେଖାକର, ଗୋଟେପଟେ ମୋର ମଧୁମେହ ଓ ଉଚ୍ଚ ରକ୍ତଚାପ ରହିଛି। ଅନ୍ୟପଟେ ପ୍ରତ୍ୟହ ବିଭିନ୍ନ ଗ୍ରାମ ପରିଭ୍ରମଣ କରିବାକୁ ପଡୁଛି। କିନ୍ତୁ ସେଭଳି କିଛି ଅସୁବିଧା ଉକ୍ତ ପରିବାରରେ ହେଉଥିବା ନେଇ ଖବର ମୋ ପାଖରେ ପହଞ୍ଚିନାହିଁ ବୋଲି ସେ କହିଛନ୍ତି।

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବି ତେଜିଲା

### ସୂଚନ ଅଧିକାର କର୍ମୀଙ୍କ ହତ୍ୟା ଘଟଣା

କଟକ ଅଫିସ,୩।୮

ସୂଚନା ଅଧିକାର କର୍ମୀ ରଞ୍ଜନ ଦାସ ହତ୍ୟା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି ତେଜିଛି। ଏହି ଦାବି ନେଇ ଓଡ଼ିଶା ସୂଚନା ଅଧିକାର ଅଭିଯାନ ସୋମବାର କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛି। ଗତ ଫେବୃୟାରୀ ୧ ସକାଳେ ରଞ୍ଜନ ଦାସଙ୍କ ମୃତଦେହ ମାର୍ଶାଘାଇ ଥାନା ବେରୁହାଁ ରାସ୍ତା ନିକଟରୁ ମିଳିଥିଲା। ଏହାକୁ ସୁପରିକଳ୍ପିତ ହତ୍ୟାକାଣ୍ଡ ଦର୍ଶାଇ ତାଙ୍କ ପରିବାର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। କିନ୍ତୁ ସ୍ଥାନୀୟ ପୋଲିସର ନିରବତା ଯୋଗୁ ତଦନ୍ତ ଦିଗହରା ହେବା ସହ ପୋଲିସ ହତ୍ୟାକାଣ୍ଡକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ ହୋଇଥିଲା। ଏନେଇ ଗତ ଫେବୃୟାରୀ ୧୦ ଓ ମାର୍ଚ୍ଚ ୧୩ରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ଦିଆଯାଇଥିଲା। ବିରୋଧୀ ଦଳମାନେ ମଧ୍ୟ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ରଞ୍ଜନ ଜୀବିତାବସ୍ଥାରେ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ୨୦୧୯ ଡିସେମ୍ବର ୧୨ରେ ମାର୍ଶାଘାଇ ଥାନାରେ ଏତଲା ଦେଇଥିଲେ। ସୂଚନା ଅଧିକାର ଅଭିଯାନ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଆଇନଜୀବୀ ସୁଧୀର ମହାନ୍ତି, ଦେବେଶ ଦାସ, ଜିତେନ୍ଦ୍ର ସାହୁ, ଶ୍ରୀକାନ୍ତ ପାକଳ, ପ୍ରତାପ ମହାନ୍ତି ଦାବିପତ୍ର ଦେଇଛନ୍ତି।

## ସଂକ୍ଷେପରେ

### ପିକ୍ଅପ୍ ଭ୍ୟାନ୍ ଧକ୍କାରେ ବୃଦ୍ଧା ମୃତ

ସାଲେପୁର, ୩।୮(ଡି.ଏନ୍.ଏ.) - ସାଲେପୁର ବ୍ଲକ ମହାଜନପୁର ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପାଗା ଗ୍ରାମରେ ଏକ ପିକ୍ଅପ୍ ଭ୍ୟାନ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କ୍ଷୀରୋଦ ନନ୍ଦୀଙ୍କ ସ୍ତ୍ରୀ କମଳି ନନ୍ଦୀ(୬୧)। କୌଣସି କାର୍ଯ୍ୟରେ ସେ ବହୁଗ୍ରାମ ଅଞ୍ଚଳକୁ ଆସୁଥିବା ବେଳେ ଏକ ପିକ୍ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଜଗତପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପାଗା ଫାଣ୍ଡି ପୋଲିସ ଧକ୍କା ଦେଇଥିବା ଗାଡ଼ିକୁ ଜବତ କରି ମାମଲା (ନଂ-୨୧୬/୨୦)ରୁଜୁ କରିଛି।

### ୧୨ ବେଆଇନ ବାଲି,ପଥର ଗାଡ଼ି ଜବତ

ନରାଜ,୩।୮ (ଡି.ଏନ୍.ଏ) ବାରଙ୍ଗ ତହସିଲ ପକ୍ଷରୁ ସୋମବାର ସକାଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ଭାବେ ବାଲି, ଗ୍ରାଭେଲ (ଗୋଡି) ଓ ମାଙ୍କଡା ପଥର ଚାଲାଣ କରୁଥିବା ୧୨ ଗାଡି ଜବତ କରାଯାଇଛି। ବାରଙ୍ଗ ତହସିଲ ପକ୍ଷରୁ ଏନଫୋର୍ସମେଣ୍ଟ ଫୋର୍ସ ଓ ସବ୍‌କଲେକ୍ଟର ଅଫିସ ସ୍କ୍ୱାଡ୍ ମିଳିତଭାବେ ସୋମବାର ଏହି ଚଢ଼ାଉ କରିଥିଲେ। ଏହି ସମୟରେ ବାରଙ୍ଗ,ବାଲିକୁଦା ଓ ତେଲେଙ୍ଗାପେଣ୍ଠାରୁ ଗାଡ଼ିଗୁଡିକୁ ଜବତ କରାଯାଇଥିଲା। ସେଥିରୁ ୮ ଗାଡ଼ି ବାରଙ୍ଗ ତହସିଲ କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ୪ ଗାଡ଼ି ସଦର ଥାନା ପରିସରରେ ରହିଛି। ମଙ୍ଗଳବାର ଜବତ ଗାଡିଗୁଡ଼ିକରୁ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ଚୌଦୁରୀ ପ୍ରଜ୍ଞାନ ଦାସ କହିଛନ୍ତି।

### ଅଜଗର ମୃତଦେହ ଉଦ୍ଧାର

ନରାଜ,୩।୮(ଡି.ଏନ୍.ଏ.)- ବାଙ୍କୀ-କଟକ ମୁଖ୍ୟ ରାସ୍ତାର ବାଆଁରାସ୍ଥିତ ବାବା ଧୂଳିଆଷଣ୍ଢପୀଠ ନିକଟରୁ ସୋମବାର ସକାଳେ ୬ଫୁଟ ଲମ୍ବ ଏକ ଅଜଗର ସାପର ମୃତଦେହ ଉଦ୍ଧାର ହୋଇଛି। ଅଜଗରଟି ରାତିରେ ରାସ୍ତା ପାରହେଉଥିବା ବେଳେ କୌଣସି ଭାରିଗାଡ଼ି ତା ଉପରେ ଚଢ଼ିଯାଇଥିବା ଆଶଙ୍କା କରାଯାଉଛି।

### ତହସିଲ ପକ୍ଷରୁ ୮ ଗାଡ଼ି ଜବତ

ବାରଙ୍ଗ,୩।୮(ଡି.ଏନ୍.ଏ.): ବାରଙ୍ଗରେ ନୂଆ ତହସିଲଦାର ଯୋଗଦେବା ପରଠାରୁ ଆରମ୍ଭ ହୋଇଯାଇଛି ଧରପଗଡ଼। ଏହାକୁ ନେଇ ଟ୍ରକମାଲିକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲେ ମଧ୍ୟ ତହସିଲ ପକ୍ଷରୁ ଧରପଗଡ଼ କମିବାର ନାଁ ଧରୁନାହିଁ। ସୋମବାର ସକାଳେ ବାରଙ୍ଗ ତହସିଲ ପକ୍ଷରୁ ୮ଟି ବାଲି ଓ ମାଙ୍କଡାପଥର ଗାଡ଼ିକୁ ଜବତ କରାଯାଇଛି। ଏହି ଗାଡ଼ି ସବୁ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି।

### ଗହ୍ମାପୂର୍ଣ୍ଣିମାରେ ଗୋପୂଜନ

ପୁରୁଣା ଭୁବନେଶ୍ୱର,୩।୮(ଡି.ଏନ୍.ଏ.): ରକ୍ଷାବନ୍ଧନ ତଥା ଗହ୍ମାପୂର୍ଣ୍ଣିମୀ ଉପଲକ୍ଷେ ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ନନ୍ଦକିଶୋର ନଗରଠାରେ ଗୋପୂଜନ କରାଯାଇଛି। ଗୋରୁମାନଙ୍କୁ ସିନ୍ଦୂର ଲଗାଇ ରାଖୀ ବନ୍ଧାଯାଇଥିଲା। ଏହା ପରେ ପିଠା ଓ ପୂର୍ବରୁ କଟାଯାଇଥିବା ଘାସ ଖୁଆଯାଇଥିଲା। ଏଥିରେ ମଞ୍ଚ ସଭାପତି ଭୀଷ୍ମନାରାୟଣ ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ସ୍ୱାମୀ ବିବେକାନନ୍ଦ ଯୁବ ସଂସଦର ୱେବିନାର

କଟକ ଅଫିସ,୩।୮: ସ୍ୱାମୀ ବିବେକାନନ୍ଦ ଯୁବ ସଂସଦ ପକ୍ଷରୁ ସାପ୍ତାହିକ ୱେବିନାର ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ରବୀନ୍ଦ୍ରନାଥ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ଜୀବନୀ ଓ କୃତୀ ଉପରେ ଆଲୋକପାତ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ମୁଖ୍ୟ ଡ. ପତିତପାବନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀଅରବିନ୍ଦଙ୍କ ଜୀବନଚକ୍ରରେ ଆସିଥିବା ବାଧାବିଘ୍ନ, ତାହାର ସମାଧାନ, ଦେଶପ୍ରୀତି, ଆଧାତ୍ମିକ ସନ୍ଦେଶ ବିଷୟରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ସ୍ୱାତୀ ମିଶ୍ର ବନ୍ଦନା ପାଠ, ଅଧାପିକା ବିଶ୍ୱଶ୍ରୀ ତନୟା ପ୍ରିୟଦର୍ଶିନୀ, ସନ୍ଦୀପ ପଣ୍ଡା, ସତ୍ୟସ୍ନିଗ୍ଧା ପ୍ରିୟଦର୍ଶିନୀ ସଭା ଆୟୋଜନ, ଅଧାପିକା ମନିଷା ମହାରଣା କାର୍ଯ୍ୟକ୍ରମ ସଂଯୋଜନା ଓ ଶେଷରେ ସଂସଦର ରାଜ୍ୟ ଆବାହକ ଅଧାପକ ବିନାୟକ ଘୋଷ ଧନ୍ୟବାଦ ଦେଇଥିଲେ। ପରବର୍ତ୍ତୀ କାର୍ଯ୍ୟସୂଚୀ ବିଷୟରେ ଅନୁଷ୍ଠାନର ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ ସୂଚନା ରଖିଥିଲେ।




ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆ ନିକଟ ପାଚେରିରେ ସ୍ୱଚ୍ଛତା ଓ କରୋନା ସଚେତନତା ଚିତ୍ରକଳାକୁ ଜଣେ ବାଳକ ଦେଖୁଛନ୍ତି।

# ଆଖି ବୁଜିଲେ ଆହତ ସ୍ତ୍ରୀ, ସ୍ୱାମୀ ଗିରଫ

### ହେମଦସ୍ତାରେ ଛେଚି ଦେଇଥିଲେ ଶୁକଦେବ

ଭୁବନେଶ୍ୱର,୩।୮(ବ୍ୟୁରୋ)

ସ୍ତ୍ରୀ ମାଳତିଙ୍କୁ ହେମଦସ୍ତାରେ ଛେଚି ଦେଇଥିଲେ ସ୍ୱାମୀ ଶୁକଦେବ ଭୋଇ। ବହୁଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଶେଷରେ ମାଳତି ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ଆଖି ବୁଜିଛନ୍ତି। ସୋମବାର ପୋଲିସ ହତ୍ୟା ମାମଲା ନଂ.୨୪୨/୨୦ ରୁଜୁ କରିବା ସହ ପଟିଆ ଅଞ୍ଚଳରେ ଲୁଚିଥିବା ଅଭିଯୁକ୍ତ ଶୁକଦେବଙ୍କୁ ଗିରଫ କରିଛି। ଏଥିସହ ହତ୍ୟାରେ ବ୍ୟବହୃତ ହେମଦସ୍ତାକୁ ପୋଲିସ ଜବତ କରିଛି।

ପୋଲିସ ସୂଚନାନୁସାରେ, ଶୁକଦେବ ବୈଦିକ ରୀତିରେ ମାଳତିଙ୍କୁ ବିବାହ କରି ଚକେଇସିଆଣି ଅଞ୍ଚଳରେ ରହୁଥିଲେ। ଶୁକଦେବ ସ୍ତ୍ରୀ ମାଳତିଙ୍କ ଚରିତ୍ରକୁ ସନ୍ଦେହ କରୁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବହୁ ସମୟରେ ଝଗଡ଼ା ହେଉଥିଲା। ଗତ ଜୁନ ଶେଷ ସପ୍ତାହରେ ଶୁକଦେବ ରାତିରେ କାମରୁ ଫେରିବା ପରେ ଘରେ ଶୋଇଥିବା ମାଳତିଙ୍କ ମୁଣ୍ଡକୁ ଏକ ହେମଦସ୍ତାରେ ଛେଚି ଦେଇଥିଲେ। ଚିତ୍କାର ଶୁଣି ଅନ୍ୟମାନେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।

# 'ପ୍ରକୃତି ଚିତ୍ରଣରେ ଗଙ୍ଗାଧର ସିଦ୍ଧହସ୍ତ ଥିଲେ'

### ସ୍ୱଭାବ କବିଙ୍କ ୧୫୮ତମ ଜୟନ୍ତୀ

କଟକ ଅଫିସ,୩।୮

ପ୍ରକୃତିକବି ଗଙ୍ଗାଧର ମେହେର ପ୍ରକୃତିକୁ ଜୀବନ୍ତ ରୂପେ ଚିତ୍ରଣ କରିବାରେ ସିଦ୍ଧହସ୍ତ ଥିଲେ। ତାଙ୍କ କାବ୍ୟକବିତା ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସୋମବାର ଆୟୋଜିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୮ତମ ଜୟନ୍ତୀରେ ବକ୍ତାମାନେ ମତ ରଖିଛନ୍ତି। ଅନୁଷ୍ଠାନ ସଭାପତି ତରୁଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉପସଭାପତି ସଞ୍ଜିତ ପଟ୍ଟନାୟକ, ସୁସ୍ମିତା ରଥ, ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ, ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର, କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଡ. ସୁନାମଣି ରାଉତ, ବିଶ୍ୱମୋହନ ପଟ୍ଟନାୟକ, ଅଜୟ ମହାନ୍ତି ଓ କମଳ ମାହୁନ୍ତ ଯୋଗ ଦେଇଥିଲେ।

ସାମାଜିକ ଅନୁଷ୍ଠାନ 'ସମୀଚିନ' ଆନୁକୂଲ୍ୟରେ ମର୍କତନଗରଠାରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ଅନ୍‌ଲାଇନ ଯୋଗେ ଅନୁଷ୍ଠିତ ଏହି ଉତ୍ସବରେ ସାମାଜିକ କର୍ମୀ ଗୋବିନ୍ଦ ଦାସ, କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ, ଡ. ପରିଣୀତା ଦାସ, ଡ. ପବିତ୍ର ମହାନ୍ତି, ସଂଯୁକ୍ତା ବେହେରା, ମୋନାଲିସା ମହାରଣା, ସୁଜାତା ପାଣି ଯୋଗ ଦେଇଥିଲେ। ସେହିପରି ଉତ୍କଳ ପୂଜନ ପରିଷଦ ଓ ଉତ୍କଳମଣି ସେବା ସଂଘ ମିଳିତ ଆନୁକୂଲ୍ୟରେ ପିଠାପୁରସ୍ଥିତ ପରିଷଦ କାର୍ଯ୍ୟାଳୟରେ ମେହେର ଜୟନ୍ତୀ ପାଳିତ ହୋଇଛି। ସେଥିରେ ପରିଷଦ ସଭାପତି କୈଳାସ ଚନ୍ଦ୍ର ବରାଳ, ପ୍ରଫେସର ଡ. ଅର୍ଦ୍ଧେନ୍ଦୁ ଶେଖର ବଳ, ଡ. ବସନ୍ତ କୁମାରୀ ନନ୍ଦ, ବଂଶୀଧର ଦାଶ, ବାଳକୃଷ୍ଣ ବେହେରା, ଗୌରବ ମହାପାତ୍ର, ହର୍ଷିତ ଦାଶ ଉପସ୍ଥିତ ଥିଲେ।

# ଭଉଣୀ ଘରକୁ ସାନିଟାଇଜ୍ କଲେ ଭାଇ

### ରାଖୀ ବନ୍ଧନର ପାଉଣା

ଭୁବନେଶ୍ୱର,୩।୮(ବ୍ୟୁରୋ.):

ରାଖୀ ପୂର୍ଣ୍ଣମୀରେ ଭାଇକୁ ସବୁ ବିପଦରୁ ରକ୍ଷା କରିବା ପାଇଁ ଭଉଣୀ ସୂତା ଖିଅର ରାଖୀଟିଏ ବାନ୍ଧି ଦିଏ। ଏହି ବନ୍ଧନର ପାଉଣା ହିସାବରେ ଭାଇ ଭଉଣୀକୁ ଜୀବନ ସାରା ସୁରକ୍ଷା ଦେବାପାଇଁ ପ୍ରତିଶ୍ରୁତି ଦିଏ। ଆଜିକାଲି ରକ୍ଷାବନ୍ଧନରେ ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଲେ ଭାଇ ଉପହାର ହିସାବରେ ଟଙ୍କା, ଚକୋଲେଟ ନଚେତ୍ ପୋଷାକ ଦେଉଥିବାବେଳେ ଜଣେ ଯୁବକ କରୋନା ସମୟରେ ବିବାହିତ ଭଉଣୀ ଓ ଭଉଣୀଙ୍କ ପରିବାରର ସୁରକ୍ଷା ପାଇଁ ତାଙ୍କ ଘର ସାନିଟାଇଜ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଭୁବନେଶ୍ୱରରେ ରହୁଥିବା ବିଭୂତି ମହାପାତ୍ର (୩୦) ସୋମବାର ରକ୍ଷାବନ୍ଧନରେ ବାଙ୍କୀସ୍ଥିତ ଭଉଣୀ ଘରକୁ ଯାଇଥିଲେ। ଭଉଣୀ ବନ୍ଦାପନା କରି ରାଖୀ ବାନ୍ଧି ସାରିବା ପରେ ବିଭୂତି ଉପହାର ଭାବେ ତାଙ୍କ ଘରକୁ ସାନିଟାଇଜ କରିଥିଲେ। କରୋନା ମହାମାରୀରୁ ନିଜ ଭଉଣୀକୁ ସୁରକ୍ଷିତ ରଖିବା ପାଇଁ ସେ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି। ଆଜିର ସ୍ଥିତିରେ ଜଣେ ଭଉଣୀ ପାଇଁ ଏହା ପ୍ରକୃତ ଉପହାର ବୋଲି ଚର୍ଚ୍ଚା ହେଉଛି। ବିଭୂତିଙ୍କର ଏଭଳି ଉପହାରକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

# ରେଭେନ୍ସାରେ ଅନ୍ତର୍ଜାତୀୟ ୱେବିନାର ସିରିଜ୍

କଟକ ଅଫିସ,୩।୮

ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ୱେବିନାର ସିରିଜ୍ ଅନୁଷ୍ଠିତ ହୋଇଛି। ଏଥିରେ 'ମହାମାରୀ ପରବର୍ତ୍ତୀ ବିଶ୍ୱ ଜୀବନ: ସମାଜ, ସଂସ୍କୃତି, ଭୌତିକତା ଏବଂ ଗତିବିଧି' ଶୀର୍ଷକରେ ଆଲୋଚନା କରାଯାଇଛି। ମୁଖ୍ୟ ଅତିଥି ଥିବା ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ଶକ୍ତିଶାଳୀ ବୌଦ୍ଧିକତା ହିଁ ମହାମାରୀ ସଂକ୍ରମିତ ଜନଜୀବନରେ ନିର୍ଭୟତା ଓ ସ୍ୱାଭାବିକତା ଆଣିପାରିବ। ବିଶେଷ ଅତିଥି ଥିବା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ନିର୍ଦ୍ଦେଶକ ଡ. ସନ୍ତୃପ୍ତ ବି. ମିଶ୍ର କହିଥିଲେ ଯେ, କରୋନା ମାନବ ସଭ୍ୟତାକୁ ଜୀବନର ମୌଳିକ ପ୍ରଶ୍ନ ଉପରେ ଚିନ୍ତନ କରିବାର ଅବସର ଦେଇଛି। ମୁଖ୍ୟବକ୍ତା ଐତିହାସିକ ପଦ୍ମଶ୍ରୀ ପ୍ରଫେସର ହରମନ କୁଲ୍‌କେ ମହାମାରୀ ପରବର୍ତ୍ତୀ ବିଶ୍ୱଜୀବନରେ ସକାରାତ୍ମକ ପରିବର୍ତ୍ତନ ତଥା ମାନବୀୟ ଓ ଅଣମାନବୀୟ ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ବିଭାଗ ନିର୍ଦ୍ଦେଶକ ବିଦ୍ୟୁତ୍ ସ୍ୱାଇଁ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଈଶାନ କୁମାର ପାତ୍ର, ବିଭାଗୀୟ ମୁଖ୍ୟ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ଡ. ବିକଳି ଚରଣ ଦାଶ, ଡ. ବିଜୟଲକ୍ଷ୍ମୀ ଦାଶ, ଅଧ୍ୟାପକ ମନୀଷ ରାୟ ଉପସ୍ଥିତ ଥିଲେ।

# ଗଙ୍ଗାଧରଙ୍କ ସାହିତ୍ୟରେ ସାମାଜିକ ବାର୍ତ୍ତା

ଭୁବନେଶ୍ୱର,୩।୮(ବ୍ୟୁରୋ)

ସାମାଜିକ ଜୀବନକୁ ସରସ ସୁନ୍ଦର କରିବା ପାଇଁ ସ୍ୱଭାବ କବି ଗଙ୍ଗାଧର ମେହେର ତାଙ୍କ ସାହିତ୍ୟରେ ବାର୍ତ୍ତା ଦେଉଥିଲେ। ଆନୁଷ୍ଠାନିକ ଶିକ୍ଷାଗତ ଯୋଗ୍ୟତାରୁ ବହୁ ଊର୍ଦ୍ଧ୍ୱରେ ଥିବା ମେହେରଙ୍କର ଉଭୟ ଓଡ଼ିଆ ଓ ସଂସ୍କୃତ ଭାଷାରେ ଅଦ୍ଭୁତପୂର୍ବ ଜ୍ଞାନ ରହିଥିଲା। ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ' ପକ୍ଷରୁ ସୋମବାର ମେହେରଙ୍କ ଜୟନ୍ତୀ ଓ ବିଶ୍ୱ ସଂସ୍କୃତି ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଥିଲା। ଅନୁଷ୍ଠାନର ସୀମିତ ସଦସ୍ୟ ଉପସ୍ଥିତ ରହି ଗଙ୍ଗାଧରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପବିତ୍ର ମୋହନ ସାହୁଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଞ୍ଜଭାରତୀର ସଭାପତି ନୀଳାଦ୍ରିମୋହନ ଶତପଥୀ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। 'ଗଙ୍ଗାଧରଙ୍କ ସାହିତ୍ୟରେ ସାମାଜିକ ବାର୍ତ୍ତା' ଏବଂ 'ଗଙ୍ଗାଧରଙ୍କ ସାହିତ୍ୟରେ ସଂସ୍କୃତଭାଷାର ପ୍ରଭାବ' ଶୀର୍ଷକ ବିଷୟ ଉପରେ ଡ. ବେଣୁଧର ଦାସ ଓ ଡ. କୃଷ୍ଣକେଶବ ଷଡ଼ଙ୍ଗୀ ବକ୍ତବ୍ୟ ରଖିଥିଲେ। ପ୍ରସନ୍ନ କୁମାର ବେହେରା ଅତିଥି ପରିଚୟ ଓ ପ୍ରାଣବନ୍ଧୁ ବେହେରା ଧନ୍ୟବାଦ ଦେଇଥିଲେ।

# ଗୁଗଲ୍ ପେ'ରେ ଜରିମାନା ନେବା ଘଟଣାର ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୩।୮ (ବ୍ୟୁରୋ)

ବ୍ୟକ୍ତିଗତ ଗୁଗଲ୍ ପେ' ମାଧ୍ୟମରେ ଜରିମାନା ଟଙ୍କା ନେଇ ହରଡ଼ଘଣାରେ ପଡିଛନ୍ତି ଲକ୍ଷ୍ମୀସାଗର ଥାନାର ଜଣେ ଏଏସ୍ଆଇ। ସୋମବାର ଏହି ଘଟଣାର ନିର୍ଦ୍ଦେଶ ଦେଇଛନ୍ତି ଡିସିପି ଉମାଶଙ୍କର ଦାଶ। ତଦନ୍ତ କରି ରିପୋର୍ଟ ଦେବାକୁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କେଉଁ ପରିସ୍ଥିତିରେ ଏଏସ୍ଆଇ ଜଣକ ନିଜ ଆକାଉଣ୍ଟକୁ ଟଙ୍କା ନେଇଥିଲେ ସେନେଇ ମଧ୍ୟ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଜରିମାନା ଟଙ୍କା ଲୁଟ୍ ହେଉଥିବା ପଦାକୁ ଆସିବା ପରେ ଖସିବା ବାହାନା ଖୋଜା ଚାଲିଛି। ସମ୍ପୃକ୍ତ ଅଧିକାରୀ ଜଣକ କହିଛନ୍ତି, ସେମାନେ ହେଲ୍‌ମେଟ୍ ପିନ୍ଧି ନଥିବାରୁ ଜରିମାନା କରିଥିଲି। ଉଲ୍ଲଂଘନକାରୀଙ୍କ ନିକଟରେ ନଗଦ ରାଶି ନ ଥିବାରୁ ଅନ୍‌ଲାଇନ୍‌ରେ ଜରିମାନା ଦେବାକୁ କହିଥିଲେ। ହେଲେ ଆମ ନିକଟରେ ସେଭଳି କିଛି ବ୍ୟବସ୍ଥା ନ ଥିଲା। ତେଣୁ ସେମାନେ ମୋତେ ଗୁଗଲ୍ ପେ'ରେ ପଠାଇଥିଲେ ଓ ମୋ ପାଖରେ ଥିବା ଟଙ୍କାକୁ ଜରିମାନା ବାବଦକୁ ରଖିଥିଲି ବୋଲି ସେ କହିଛନ୍ତି। ତେବେ ଯାଞ୍ଚବେଳେ ପିଓଏସ୍ ମେଶିନରେ ଜରିମାନା ଆଦାୟ ନିର୍ଦ୍ଦେଶ ରହିଥିବାବେଳେ କରୋନା ସମୟରେ କାହିଁକି ସେପରି ବ୍ୟବସ୍ଥା ରହୁନି? ପୁଣି ହେଲ୍‌ମେଟ୍ ଜରିମାନା ଅଧିକ ରହିଥିବାବେଳେ ପୋଲିସ ମାତ୍ର ଶହେ ଟଙ୍କା ଲେଖାଏ ନେଇ ରସିଦ ଧରାଇଥିବାରୁ ଉକ୍ତ ଟଙ୍କା ହରିଲୁଟ୍ ହେଉଥିବା ସ୍ପଷ୍ଟ ହେଉଛି।

# ଝୁଲଣ ଉତ୍ସବ ଉଦ୍‌ଯାପିତ

ବାଲିଅନ୍ତା,୩।୮(ଡି.ଏନ୍.ଏ.):

ବାଲିଅନ୍ତାର ଆରାଧ୍ୟ ଦେବତା ଶ୍ରୀ ନିକୁଞ୍ଜ ବିହାରୀ ଦେବଙ୍କ ଝୁଲଣ ଉତ୍ସବ ୫ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ଣ୍ଣିମା ଅବସରରେ ଝୁଲଣ ଉତ୍ସବର ଉଦ୍‌ଯାପନୀ ନିରାଡମ୍ବରରେ ଆୟୋଜିତ ହୋଇଥିଲା। ସୀମିତ ଭକ୍ତମାନେ କୋଭିଡ୍ ନିୟମକୁ ମାନି ମନ୍ଦିରରେ ଚାଲିଥିବା ଏହି ଉତ୍ସବରେ ଯୋଗଦେଇଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କୁ ଝୁଲଣ ବେଦୀକୁ ବିଜେ କରାଯାଇଥିଲା। ଭକ୍ତମାନେ ପ୍ରଭୁଙ୍କ ଚଳନ୍ତି ପ୍ରତିମାକୁ ଦର୍ଶନ କରିବା ସହ ଝୁଲଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଭୁଙ୍କୁ ରାଖୀ ମଧ୍ୟ ପିନ୍ଧାଯାଇଥିଲା ବୋଲି ପୂଜକ ଉନା ଦାସ କହିଛନ୍ତି।

# ଗଛରେ ରାଖୀ ବାନ୍ଧି କଲେ ସଚେତନତା

ନିରାକାରପୁର,୩।୮(ଡି.ଏନ୍.ଏ.):

ସ୍ନେହ ଓ ସୌହାର୍ଦ୍ଦ୍ୟର ପର୍ବ ରାଖୀ। ଭାଇର ଶୁଭ ମନାସି ଭଉଣୀ ତା' ହାତରେ ବାନ୍ଧିଥାଏ ରାଖୀଟିଏ। ଏହା ତା'ଭାଇକୁ ସବୁ ବିପଦ ଆପଦରୁ ରକ୍ଷା କରିବ। ଏହି ବିଶ୍ୱାସ ନେଇ ଚଳି ଆସିଥିବା ଏହି ପରମ୍ପରା ବହୁ ପୁରାତନ। ମାତ୍ର ସୋମବାର ରାଖୀ ବନ୍ଧନ ଉପଲକ୍ଷେ ଖୋର୍ଦ୍ଧା ଜିଲା ନିରାକାରପୁର ଖବରଦାତା ସଂଘର ସଦସ୍ୟମାନେ ଗଛରେ ରାଖୀ ବାନ୍ଧି ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗଛ ଲଗାଇବା ସହ ତାହାର ଯତ୍ନ ନେବା ପାଇଁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଖବରଦାତା ଉମେଶ ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ, ମାନସ ଚନ୍ଦ୍ର ପଟ୍ଟନାୟକ, ଲଛମନ ନାୟକ, ଶ୍ୟାମସୁନ୍ଦର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

କଟକ ଅଫିସ,୩।୮:

କଟକର ପ୍ରଥମ ପୋଲିସ କର୍ମଚାରୀ ଭାବେ କରୋନାରେ ଆକ୍ରାନ୍ତ ହୋଇଥିବା ମଙ୍ଗଳାବାଗ ଥାନାର କନଷ୍ଟେବଳ କୃଷ୍ଣଚନ୍ଦ୍ର ବିଶ୍ୱାଳ ସୁସ୍ଥ ହୋଇ ଫେରିଛନ୍ତି। ସୋମବାର ଡିସିପିଙ୍କ କାର୍ଯ୍ୟାଳୟରେ ଏ ନେଇ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପୋଲିସ ଅଧିକାରୀ, କର୍ମଚାରୀଙ୍କ ଗହଣରେ କୃଷ୍ଣଚନ୍ଦ୍ରଙ୍କୁ ଡିସିପି ପ୍ରତୀକ ସିଂ ସମ୍ବର୍ଦ୍ଧିତ କରିଥିଲେ। ସୋମବାରଠାରୁ କୃଷ୍ଣଚନ୍ଦ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି ବୋଲି ମଙ୍ଗଳାବାଗ ଥାନାଧିକାରୀ ଅମିତାଭ ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏବେ ସୁଦ୍ଧା କଟକରୁ ୪ଜଣ ପୋଲିସ କର୍ମଚାରୀ କରୋନା ଚିହ୍ନଟ ହୋଇଛନ୍ତି। ଅନ୍ୟ ୩ ଜଣ ଚିକିତ୍ସାଧୀନ ଅଛନ୍ତି।

# ଦଣ୍ଡପ୍ରଣାମ ସହ ପତିତପାବନ ଦର୍ଶନ କଲେ ଶତାୟୁ ମହିଳା

### ନାତି ପାଇଁ ରଖିଥିଲେ ମାନସିକ

ପୁରୀ ଅଫିସ,୩।୮:

ହଜିଯାଇଥିଲା ନାତି। ସବୁଆଡ଼େ ଖୋଜି ଖୋଜି ପରିବାର ଲୋକେ ନିରାଶ ହୋଇପଡ଼ିଲେ। ନାତିକୁ ସବୁଠୁ ଅଧିକ ଭଲ ପାଉଥିବା ଆଈ ମନ କିନ୍ତୁ ଥୟ ଧରିଲାନି। କିପରି ନାତି ଘରକୁ ଫେରିବ ସେହି ଚିନ୍ତାରେ ମହାପ୍ରଭୁଙ୍କୁ ସ୍ମରଣ କଲେ। ଯଦି ନାତି ମିଳିଯାଏ ଦଣ୍ଡ ପ୍ରଣାମ ସହ ଦର୍ଶନ କରିବେ ବୋଲି ମାନସିକ ରଖିଲେ। ଭାବ ବିନୋଦିଆ କାଳିଆ ଠାକୁର ତାଙ୍କ ମନର ବ୍ୟଥା ବୁଝିପାରିଲେ। ୧୫ ଦିନ ପରେ ନାତି ମିଳିଗଲା। ତେଣୁ ସମ୍ପୃକ୍ତା ବୃଦ୍ଧା ସୋମବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ଥିବାରୁ ସିଂହଦ୍ୱାରରୁ ଦଣ୍ଡପ୍ରଣାମ ସହ ପତିତପାବନଙ୍କୁ ଦର୍ଶନ କରି ଫେରିଥିଲେ।

ପୁରୀ ବିଧବା ଆଶ୍ରମ ଛକର ଏହି ଶତାୟୁ ବୃଦ୍ଧା ଜଣଙ୍କ ହେଲେ ଶୋଭାରାଣୀ ଦେବନାଥ। ଅଣ୍ଟା ସମ୍ପୂର୍ଣ୍ଣ ନଇଁଗଲାଣି। ଚାଲିବାକୁ ଜୁ ପାଉନି। ହେଲେ ନାତି ଶୁକଦେବ ଦେବନାଥଙ୍କ ପାଇଁ ସେ ରଖିଥିବା ଏଭଳି କଠୋର ମାନସିକ ତାଙ୍କୁ ସିଂହଦ୍ୱାର ପର୍ଯ୍ୟନ୍ତ ଟାଣି ଆଣିଥିଲା। ସୋମବାର ପବିତ୍ର ରକ୍ଷାବନ୍ଧନ ଅବସରରେ ମୁହଁରେ ମାସ୍କ ବାନ୍ଧି ଦାରୁଦିଅଁଙ୍କ ଦର୍ଶନ ପାଇଁ ଆସିଥିଲେ। ମାତ୍ର କୋଭିଡ଼ କଟକଣା ଯୋଗୁ ଏବେ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ତେଣୁ ପରିଣତ ବୟସରେ ଦଣ୍ଡପ୍ରଣାମ କରି ସିଂହଦ୍ୱାରରେ ପତିତପାବନଙ୍କୁ ଦର୍ଶନ କରିବା ସହ ମୁଣ୍ଡିଆ ମାରି ଘରକୁ ଫେରିଥିଲେ। ମହାପ୍ରଭୁ ଡାକ ଶୁଣି ନାତିକୁ ଫେରାଇଦେଇଥିବା କହିବାବେଳେ ତାଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିପଡ଼ିଥିଲା।



ଶୋଭାରାଣୀ ଦେବନାଥ ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରୁଛନ୍ତି।

# ଗଛରେ ବାନ୍ଧିଲେ ରାଖୀ

ପୁରୀ ଅଫିସ, ୩।୮:

ସାହିଭାଇ ଅନୁଷ୍ଠାନ ପକ୍ଷରୁ ରକ୍ଷା ବନ୍ଧନ ପର୍ବକୁ ନିଆରେ ଢଙ୍ଗରେ ପାଳନ କରାଯାଇଛି। ସୋମବାର ରାଖୀ ପୂର୍ଣ୍ଣିମା ଅବସରରେ ଅନୁଷ୍ଠାନ ପକ୍ଷରୁ ବୃକ୍ଷ ପୂଜନ କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ସଂଲଗ୍ନ ତୁଳସୀ ବଗିଚାରେ ଥିବା ବକୁଳ ବୃକ୍ଷରେ ରାଖୀ ବନ୍ଧାଯାଇଛି। ଏଥିସହ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ରୋପଣ କରାଯାଇଥିବା ବୃକ୍ଷରେ ସମ୍ପର୍କ ସୂତ୍ର ବନ୍ଧନ ପୂର୍ବକ ପୂଜାର୍ଚ୍ଚନା କରାଯାଇଛି। ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରକୃତି ମାଆ ଆମକୁ ସୁରକ୍ଷା ଦେଉଛି। ସେହି ପ୍ରକୃତି ମାଆର ସୁରକ୍ଷା ପାଇଁ ଏଭଳି ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଜୀବଜଗତର ମଙ୍ଗଳ ସହ ଶ୍ରୀକ୍ଷେତ୍ରକୁ ସବୁଜିମାରେ ଭରିଦେବା ନିମନ୍ତେ ମହାପ୍ରଭୁଙ୍କ ପାଇଁ ଗଛଟିଏ ଏବଂ ବିଭିନ୍ନ ପର୍ବପର୍ବାଣିରେ ବୃକ୍ଷପୂଜନ ଅନୁଷ୍ଠାନର ଛୋଟିଆ ପ୍ରୟାସ ବୋଲି ସାହିଭାଇର ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର କହିଛନ୍ତି। କାର୍ଯ୍ୟକ୍ରମରେ ନିହାରିକା ତ୍ରିପାଠୀ, ଦେବେନ୍ଦ୍ର ସୁବୁଦ୍ଧି, ସନ୍ତୋଷ ସେନାପତି, ଜଟି କର, ଦିପୁନା ବରାଳ, ଦୀପକ ଜେନା, ଦୁଷ୍ମନ୍ତ ପରିଡ଼ା, ସତ୍ୟନାରାୟଣ ସାହୁ ପ୍ରମୁଖ ଭାଗ ନେଇଥିଲେ।

